ଭଏସ୍ ଅଫ୍ ଭିକ୍ଟିମ୍ସ
Voice of VictiMS
RNI Regd. No. :ODIMUL/2023/89182
Weekly Multilingual Rs - 5.00
ଭାଗ: ୩, ସଂଖ୍ୟା: ୭, ଭୁବନେଶ୍ୱର, ଜାନୁଆରୀ ୫ - ଜାନୁଆରୀ ୧୧, ୨୦୨୬, Vol: 3, Issue: 7, Bhubaneswar, January 5 - January 11, 2026 Pages- 8

ପୃଷ୍ଠା ୪-୫ କେବଳ ରଣପୁର
ପୃଷ୍ଠା ୮ କାହିଁକି ଅର୍ଜ୍ଜନ

# ଚାନ୍ଦପୁର ନା ନୟାଗଡ଼

## ୨ୟ ଭାଗ

**ନୟାଗଡ଼ ନୁହେଁ ବରଂ ଚାନ୍ଦପୁରରେ ଜିଲ୍ଲାର ସରକାରୀ ମେଡିକାଲ କଲେଜ ହେବା ଉଚିତ୍ ବୋଲି ପୂର୍ବ ସପ୍ତାହରେ ଆଲୋଚନା କରିଥିଲୁ। ବସନ୍ତ ମଞ୍ଜରୀଙ୍କ ନାମରେ ଏହା କାହିଁକି ହେବା ଉଚିତ ବୋଲି ଏଥର ଆଲୋଚନା କରୁଛୁ। ନୟାଗଡ଼କୁ ନ୍ୟୁନ କରିବା କି ଚାନ୍ଦପୁରକୁ ଉଚ୍ଚରେ ରଖିବା ଆମ ଲେଖାର ଉଦ୍ଦେଶ୍ୟ ନୁହେଁ।**




ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ ଖୋଜୁଛି ଅତୀତର ଗୌରବମୟ ଅଧ୍ୟାୟ

**କୈଳାସ ଚନ୍ଦ୍ର ଶତପଥୀ**

ସରକାରୀ ମେଡିକାଲ କଲେଜ ଯଦି ଠିକ ସ୍ଥାନରେ ସ୍ଥାପିତ ନହେବ ତେବେ ତା'ର ଉପଯୁକ୍ତ ଉପଯୋଗ ହେବାରେ ଅସୁବିଧା ହେବ। ଏ ସମସ୍ତ ଘଟଣା ବା ଆଲୋଚନା ଯାହାକୁ କେନ୍ଦ୍ର କରି ବର୍ଣ୍ଣନା ହେଉଛି ସେ ହେଉଛନ୍ତି ରଣପୁରର ଦିବଂଗତା ରାଜମାତା ବସନ୍ତମଞ୍ଜରୀ ଦେବୀ। ଏକଥା ସଭିଏଁ ଜାଣିବା ଦରକାର କି ବସନ୍ତ ମଞ୍ଜରୀ ହେଉଛନ୍ତି ନୀଳଗିରିର ରାଜକୁମାରୀ। ସେ ରଣପୁରର ଯୁବରାଜ ବିରଞ୍ଚି ନାରାୟଣଙ୍କୁ ବିବାହ କରିବା ହେତୁ ରଣପୁର ରାଜବାଟୀର ଯୁବରାଣୀ ହୋଇଥିଲେ। ଯକ୍ଷ୍ମା ରୋଗରେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ମାତ୍ର ୩୮ ବର୍ଷ ବୟସରେ ବିଧବା ହୋଇଥିଲେ। ତାଙ୍କର ପୁତ୍ର ବ୍ରଜେନ୍ଦ୍ର ଚନ୍ଦ୍ର ରାଜସିଂହାସନରେ ଅଭିଷିକ୍ତ ହେବାପରେ ବସନ୍ତମଞ୍ଜରୀ ଦେବୀ ରାଜମାତା ହୋଇଥିଲେ। ଭାରତ ସ୍ୱାଧୀନ ହେବା ପରେ ବିଭିନ୍ନ ରାଜ୍ୟ ସହିତ ଗଡ଼ଜାତ ମିଶ୍ରଣ ଫଳରେ ରଣପୁର ଓଡ଼ିଶାରେ ମିଶିଥିଲା। ସ୍ୱାଧୀନ ଭାରତର ରାଜ୍ୟ ଉତ୍କଳ ବା ଓଡିଶାରେ ପ୍ରଥମ ନିର୍ବାଚନ ୧୯୫୨ ମସିହାରେ ହେବାପରେ ବସନ୍ତମଞ୍ଜରୀ ଦେବୀ ବିଧାୟିକା ହୋଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ହେଲେ। ସେତେବେଳେ ତାଙ୍କୁ ସ୍ୱାସ୍ଥ୍ୟ ବିଭାଗର ଉପମନ୍ତ୍ରୀ ଦାୟିତ୍ୱ ଦିଆଯାଇଥିଲା। ଓଡ଼ିଶା ରାଜ୍ୟର ପ୍ରଥମ ମହିଳା ମନ୍ତ୍ରୀ ଭାବେ ତାଙ୍କ ନାମ ଇତିହାସରେ ରହିଲା। ଯେପରି ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ନନ୍ଦିନୀ ଶତପଥୀ, ପ୍ରଥମ ମହିଳା ସୋସିଆଲ ୱେଲଫେୟାର ବୋର୍ଡ଼ର ଅଧ୍ୟକ୍ଷା ଭାବରେ ନରସିଂହପୁର ରାଜମାତା କନକ ମଞ୍ଜରୀ ଦେବୀ ଏବଂ ପ୍ରଥମ ଓଡ଼ିଆ ମହିଳା ରାଜ୍ୟପାଳ ଓ ରାଷ୍ଟ୍ରପତି ଭାବରେ ଦ୍ରୌପଦୀ ମୁର୍ମୁଙ୍କ ପାଇଁ ଗର୍ବ ଅନୁଭବ କରୁଛେ ଠିକ ସେହିପରି ପ୍ରଥମେ ମନ୍ତ୍ରୀ ପଦ ପାଇଥିବା ମହିଳା ହିସାବରେ ତାଙ୍କ ପାଇଁ ଗର୍ବ ଅନୁଭବ କରିବା କଥା। ସେ ସମୟରେ ତାଙ୍କ ବଳିଷ୍ଠ ନେତୃତ୍ୱରେ ସମଗ୍ର ଓଡ଼ିଶାରେ ମାତୃମଙ୍ଗଳ କେନ୍ଦ୍ରମାନ ଗଢ଼ି ଉଠିଥିଲା ଏବଂ ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ବହୁତ ଜନମଙ୍ଗଳକାରୀ ତଥା ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯାଇଥିଲା। ପୁନର୍ବାର ୧୯୫୭ ମସିହାରେ ସେ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିଲେ। ସେହିଥର ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ହୋଇଥିଲେ ଓ ରାଜମାତାଙ୍କୁ ମନ୍ତ୍ରିମଣ୍ଡଳରେ ପୁଣି ସେହି ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ ମିଳିଥିଲା। ହେଲେ ଏଥର କିନ୍ତୁ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ସହିତ। ସେହି ମନ୍ତ୍ରିତ୍ୱ ସମୟରେ ବସନ୍ତମଞ୍ଜରୀ ଦେବୀ ଭାରତର ପ୍ରଥମ ଏବଂ ଏସିଆ ମହାଦେଶର ଦ୍ୱିତୀୟ ସ୍ପେସିଆଲ ଯକ୍ଷ୍ମା (ଟି.ବି) ଚିକିତ୍ସାଳୟ ରାଜ୍ୟରେ ପ୍ରତିଷ୍ଠା କରିଥିଲେ। ଏହି ସ୍ୱତନ୍ତ୍ର ଚିକିତ୍ସାଳୟ ପାଇଁ ରାଜମାତା ରଣପୁର ରାଜପରିବାରର ଚାନ୍ଦପୁର ମୌଜାଠାରେ ଥିବା ୧୧୭ ଏକର ଭୂସମ୍ପତ୍ତି ଦାନ କରିଦେଇଥଲେ। ନିଜ ସ୍ୱାମୀଙ୍କର ଅଳ୍ପ ବୟସରେ ରାଜଯକ୍ଷ୍ମା ରୋଗରେ ମୃତ୍ୟୁ ହେଇଥିବାରୁ ସେ ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଚାନ୍ଦପୁରଠାରେ ଏକ ସ୍ପେସିଆଲ ହସ୍ପିଟାଲ ଖୋଲିବାକୁ ମନ ବଳାଇଥିଲେ ବୋଲି ଲୋକମୁଖରୁ ଶୁଣାଯାଏ। ଏଥି ନିମନ୍ତେ ସେ ଗଢ଼ିଥିଲେ "Odisha T.B & Cancer Hospital Fund" ଯାହାପାଇଁ ଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ପ୍ରଥମେ କୋଡିଏ ହଜାର ଟଙ୍କା ଦାନ କରିଥିଲେ। ସମଗ୍ର ଦେଶ ଓ ରାଜ୍ୟବାସୀଙ୍କ ଠାରୁ ମିଳିଥିବା ଦାନକୁ ଏକାଠି କରି ଆମ ରାଜ୍ୟର ଯକ୍ଷ୍ମା ରୋଗୀଙ୍କ ପାଇଁ କରାଯାଇଥିବା ଏହି ଚିକିତ୍ସାଳୟଟି ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ ନାମରେ ନାମିତ ହୋଇଥିଲା। ଯାହା ଏବେ ପରିବର୍ତ୍ତିତ ପରିସ୍ଥିତିରେ ସାଧାରଣ ଚିକିତ୍ସାଳୟ ପାଲଟିଯାଇଛି ସତ କିନ୍ତୁ ନିଜର ଗୌରବମୟ ଅଧ୍ୟାୟକୁ ଖୋଜୁଛି। ଯେଉଁ ରାଜମାତା ନିଜର କାର୍ଯ୍ୟକାଳ ମଧ୍ୟରେ ସେବେକାର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଦ୍ୱାରା ବୁର୍ଲା ମେଡିକାଲ କଲେଜ ଓ ଏସ.ସି.ବି ମେଡିକାଲ କଲେଜକୁ ଲାଗି ଏକ କୋଠାରେ ବ୍ରହ୍ମପୁର ମେଡିକାଲ କଲେଜ ପ୍ରତିଷ୍ଠା କରିପାରିଥିଲେ ସେ ଚାହିଁଥିଲେ ମଧ୍ୟ ଚାନ୍ଦପୁରରେ ସବୁ ଚିକିତ୍ସା ସୁବିଧା ରଖି ଏକ ମେଡିକାଲ କଲେଜ ନିଶ୍ଚୟ ପ୍ରତିଷ୍ଠା କରିପାରିଥାଆନ୍ତେ। ସେ କିନ୍ତୁ ନିଜର ପ୍ରିୟ ରଣପୁର ନିର୍ବାଚନ ମଣ୍ଡଳୀକୁ ଭାରତ ବର୍ଷର ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ଦେବାକୁ ଇଚ୍ଛା କରିଥିଲେ। ତହିଁର ଫଳ ସ୍ୱରୂପ ସେ ଚାନ୍ଦପୁରରେ ଯକ୍ଷ୍ମାରୋଗ ଚିକିତ୍ସା ପାଇଁ ସ୍ପେସିଆଲ ହସ୍ପିଟାଲ ନିର୍ମାଣ କରିଥିଲେ।

ସାମ୍ପ୍ରତିକ ସ୍ଥିତିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ମେଡିକାଲ କଲେଜ ହେବ ବୋଲି ଘୋଷଣା କରିବା ପରେ ନୟାଗଡ଼ ଜିଲ୍ଲା ପାଇଁ ସେଠିକାର ଜିଲ୍ଲାବାସୀ ଓ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ନୟାଗଡ଼ରେ ମେଡିକାଲ କଲେଜ ପ୍ରତିଷ୍ଠା ହେଉ ବୋଲି ଚାହୁଁଛନ୍ତି। ନୟାଗଡ଼ ଜିଲ୍ଲାବାସୀ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ବିକାଶ ହେବ ବୋଲି ମନେକରି ଜନ ଆନ୍ଦୋଳନ ଦ୍ୱାରା ସଚେତନତା ସୃଷ୍ଟି କରୁଛନ୍ତି। ସେଥିପାଇଁ ଅନେକ ସଙ୍ଗଠନ ଗଢି ଉଠିବା ଏକ ସ୍ୱାଭାବିକ କଥା। ଏ ସମସ୍ତ ଆଗ୍ରହ ଭିତରେ ରାଜମାତାଙ୍କ ପୁରୁଣା ତ୍ୟାଗ ବଳି ପଡିଗଲାଣି ସେକଥା ଅଣଦେଖା ମଧ୍ୟ ହେଇଯାଉଛି। ନୟାଗଡ଼ ଜିଲ୍ଲାରେ ପ୍ରସ୍ତାବିତ ମେଡିକାଲ କଲେଜ କେଉଁ ସ୍ଥାନରେ ହେଲେ ଭଲ ହେବ ଏବଂ ରାଜମାତାଙ୍କ ଦୂରଦୃଷ୍ଟି ସହିତ ବଳିଦାନକୁ ସମ୍ମାନ ଦିଆଯାଇ ପାରିବ, ତାହାର ଏକ ସମୟପଯୋଗୀ ଆଲୋଚନା ଏବେ ଜରୁରୀ ହେଲାଣି। ଗତ ବିଧାନସଭା ଶୀତ ଅଧିବେଶନରେ ନୟାଗଡ଼ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ କରିବାକୁ ଦୃଢ ଦାବି କରିଥିଲେ ଖଣ୍ଡପଡ଼ାର ବିଜେପି ବିଧାୟକ ଦୁଷ୍ମନ୍ତ ସ୍ୱାଇଁ। ଏଥିପାଇଁ ନୟାଗଡ଼ ଜିଲ୍ଲାର ରଣପୁର ବ୍ଲକର ଚାନ୍ଦପୁର ମୌଜାରେ ଆବଶ୍ୟକ ଭିତ୍ତିଭୂମି ଥିବାରୁ ସେଠାରେ ଯଥାଶୀଘ୍ର ମେଡିକାଲ କଲେଜ ନିର୍ମାଣ ପ୍ରସ୍ତାବର ଉତ୍ତରରେ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ବିଚାର କରିବାକୁ ପ୍ରତିଶ୍ରୁତି ଦେବାପରେ ଜିଲ୍ଲା ରାଜନୀତି ସରଗରମ ହେଇଥିଲା। ଜିଲ୍ଲାର ସଦର ମହକୁମା ଠାରେ ମେଡିକାଲ କଲେଜ ନିର୍ମାଣ କରିବାକୁ ଦଶପଲ୍ଲା, ଖଣ୍ଡପଡ଼ା, ନୟାଗଡ଼ ସମେତ ରଣପୁର ବିଧାନସଭା କ୍ଷେତ୍ରର ଜନସାଧାରଣ ଦାବି କରୁଥିଲେ। ହେଲେ ରଣପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚାନ୍ଦପୁର ଅଂଚଳର ଜନସାଧାରଣ ୬୫ବର୍ଷ ପୂର୍ବରୁ ରାଜମାତାଙ୍କ ନାମରେ ନିର୍ମିତ 'ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ'ରେ ଜିଲ୍ଲା ମେଡିକାଲ କଲେଜ ପ୍ରତିଷ୍ଠା ହେଉ ବୋଲି ଭାବପୂର୍ଣ୍ଣ ଦାବି ଉପସ୍ଥାପିତ କଲେଣି। ଜିଲ୍ଲାରେ ଥିବା ମୋଟ ଚାରିଜଣ ବିଧାୟକଙ୍କ ମଧ୍ୟରୁ ଦୁଇ ବିଜେପି ଓ ଦୁଇ ବିଜେଡି ବିଧାୟକ। ରଣପୁର ବିଧାୟିକା ବର୍ତ୍ତମାନ ବାଚସ୍ପତି ପଦରେ ଅଛନ୍ତି ଏବଂ ତାଙ୍କ ନିଜ ଦଳ ସରକାରରେ ଥିବାରୁ ନୟାଗଡ଼ର ସ୍ୱାର୍ଥ ବ୍ୟାହତ ହେବ ବୋଲି ଆଶଙ୍କା କରି ନୟାଗଡ଼ ଓ ଦଶପଲ୍ଲା ବିଜେଡି ବିଧାୟକ ଆନ୍ଦୋଳନ ଧମକ ଦେଲେଣି, ଯାହା ବହୁତ ଜନସମର୍ଥନ ପାଇଲାଣି। ନୟାଗଡ଼ ଜିଲ୍ଲାର ସଦର ମହକୁମାରେ ବହୁତ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ, କୋର୍ଟ କଚେରୀ ଇତ୍ୟାଦି ରହିଛି। ତେଣୁ ମେଡିକାଲ କଲେଜକୁ ଆଳ କରିବା ଓ ତାକୁ ବିକାଶ ସହିତ ଯୋଡିବା ଦୁଇ ବିଜେଡି ବିଧାୟକଙ୍କ ଏକ ଚାଲ। ଶସ୍ତା ଲୋକପ୍ରିୟତା ସାଉଁଟିବାକୁ ଯେଭଳି ବାକ୍‌ଯୁଦ୍ଧ ଚାଲିଛି, ତାହା ଅନେକ ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟ କରିଛି। ପାହାଡ଼ ପାଦଦେଶରେ ଗଢ଼ିଉଠିଥିବା ନୟାଗଡ଼ ସହରରେ କେବଳ ମେଡିକାଲ କଲେଜ ହେଲେ ବିକାଶ ହେବ ସେକଥାରେ ଆଦୌ ସତ୍ୟତା ନାହିଁ, ବରଂ ସବୁ ଦୃଷ୍ଟିରୁ ଉତ୍ତମ ଚନ୍ଦପୁରରେ କରିବାପାଇଁ ଉଦ୍ୟମକୁ ତ୍ୱରାନ୍ୱିତ କରାଯିବା ଉଚିତ। ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ ପ୍ରକ୍ରିୟା ଦିଗରେ ଯଥାସମ୍ଭବ ଦୃଷ୍ଟି ବିଗତ ସରକାର ଧ୍ୟାନ ଦେଇ ପାରିନଥିଲେ। ଏବେକାର ସରକାର ଖାଲି ଭାବପ୍ରବଣତା ନୁହେଁ ବରଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଅଧିକ ସଂଖ୍ୟାରେ ରୋଗୀମାନେ ଚିକିତ୍ସା ପାଇଁ ନୟାଗଡ଼ ସ୍ଥିତ ଜିଲ୍ଲା ସଦର ମହକୁମା ହସ୍ପିଟାଲକୁ ନୁହେଁ ବରଂ ଚାନ୍ଦପୁରକୁ ଆସିପାରିବେ ବୋଲି ମନେରଖି ଆଗେଇବାରେ ପ୍ରଯତ୍ନ କରିବା ଅତ୍ୟନ୍ତ ଜରୁରୀ। ଏଠାରେ ପ୍ରସଙ୍ଗକ୍ରମେ ଉଲ୍ଲେଖନୀୟ ଯେ ରଣପୁରର ପୂର୍ବତନ ବିଜେଡି ବିଧାୟକ ରବି ନାରାୟଣ ମହାପାତ୍ର ୨୦୧୨ରୁ ୨୦୧୪ ଯାଏ ରାଜ୍ୟସଭାରେ ସାଂସଦ ଥିଲାବେଳେ, ଚାନ୍ଦପୁରରେ ଆବଶ୍ୟକ ତଥା ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବାରୁ 'ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ'କୁ ବେଙ୍ଗାଲୁରୁ ସ୍ଥିତ ଖ୍ୟାତନାମା 'NATIONAL INSTITUTE OF MENTAL HEALTH AND NURO SCIENCES (NIMHANS) ର ଏକ ଶାଖା ଭାବେ ରୂପାନ୍ତରିତ କରିବାକୁ ଉଦ୍ୟମ କରିଥିଲେ। NIMHANS ଯଦି ପୂର୍ବ ଭାରତରେ ଏହାର ଶାଖା ବିସ୍ତାର କରିବାକୁ କେବେ ଇଚ୍ଛାକରିବେ ତା'ହେଲେ ସେ 'ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ'କୁ ଦୃଷ୍ଟିରେ ରଖିବେ ବୋଲି ସେ ସମୟରେ ପ୍ରସଙ୍ଗଭିତ୍ତିକ ଆଲୋଚନା କରିଥିଲେ ରବି ନାରାୟଣ ମହାପାତ୍ର। ଭାରତର ପ୍ରଥମ ଏବଂ ଏସିଆ ମହାଦେଶର ଦ୍ୱିତୀୟ ସ୍ପେସିଆଲ ଯକ୍ଷ୍ମା ଚିକିତ୍ସାଳୟ ପ୍ରତିଷ୍ଠା ହୋଇଥିବା ଚାନ୍ଦପୁରରେ ଯଦି NIMHANS ଶାଖା ସ୍ଥାପିତ ହୋଇପାରିବାର କ୍ଷମତା ବହୁତ ପୂର୍ବରୁ ଅଛି ତେବେ ସେଇ କ୍ଷମତାରେ ଏବେ ସରକାରୀ ମେଡିକାଲ କଲେଜ ହେଲେ କ୍ଷତି କ'ଣ?



ସ୍ନାନ ବେଦିରେ ମହାପ୍ରଭୁ

# ରଣପୁର ଗଡ଼

## ପ୍ରେରଣାଦାୟୀ ଅତୀତ - ସମ୍ଭାବନାମୟ ଭବିଷ୍ୟତ



ବିମଳ ଅଗ୍ରୱାଲ

ଯେକୌଣସି ସହରର ସଂସ୍କୃତି ଓ ସମୃଦ୍ଧି ସମ୍ପର୍କରେ ସେହି ସହରର ଗଠନଶୈଳୀ ସମ୍ୟକ୍ ସୂଚନା ଦେଇଥାଏ। ସେହିପରି ଏକଦା ବାଣପୁରର ମାଳ ଅଂଚଳଠାରୁ ବୌଦ୍ଧ ପର୍ଯ୍ୟନ୍ତ ସୁବିସ୍ତୃତ ରଣପୁର ସହରର ସୁଚିନ୍ତିତ ଓ ଦୂରଦର୍ଶୀ ନିର୍ମାଣଶୈଳୀ ଏହି ସହରର ଉଚ୍ଚ ଐତିହ୍ୟର ସ୍ୱାକ୍ଷର ବହନ କରେ । ଚାରି ଲେନରେ ପରିବର୍ତ୍ତିତ ହୋଇପାରିବା ଭଳି ସହର ମଧ୍ୟରେ ଏକ ପ୍ରଶସ୍ତ ଓ ଦୀର୍ଘ ରାସ୍ତା, ସହରକୁ ବର୍ଷାଜଳ ଏବଂ ବନ୍ୟଜନ୍ତୁଙ୍କ କବଳରୁ ରକ୍ଷା କରିବା ପାଇଁ ପାହାଡ ତଳେ ଏକ ସୁଦୀର୍ଘ ବନ୍ଧ ରାସ୍ତା ଓ ସହରକୁ ଅବାଞ୍ଛିତ ଟ୍ରାଫିକ ଭିଡରୁ ରକ୍ଷା କରିବା ପାଇଁ ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ସହର ତଳେ ତଳେ ଏକ ବାଇପାସ ରାସ୍ତା। ମୁଖ୍ୟ ରାସ୍ତାର ଦୁଇପଟକୁ ପଚାଶ ଶହେ ମିଟର ବ୍ୟବଧାନରେ ଗଳି ମଧ୍ୟରେ ବସତିମାନ ମୁଖ୍ୟ ରାସ୍ତା ସଙ୍ଗେ ସଂଯୁକ୍ତ ଓ ଗଳି ମଧ୍ୟରେ ମଧ୍ୟ ଉପଗଳି ମାନଙ୍କର ବ୍ୟବସ୍ଥା । ଏସବୁ ବିଭାଜନ ସହରକୁ ଅଗ୍ନିବ୍ୟୁତ୍ପାତରେ କ୍ଷତି ସିମୀତ କରିବାପାଇଁ ଉଦ୍ଦିଷ୍ଟ। ସହରର ମୁଖ୍ୟ ରାସ୍ତା ସହିତ ସମସ୍ତ ଗଳିମାନଙ୍କରେ ଜଳ ନିଷ୍କାସନ ପାଇଁ ଉଭୟ ପାର୍ଶ୍ୱରେ ଡ୍ରେନର ନିର୍ମାଣ । ଗୋଟିଏ ବସତି ବଞ୍ଚିବା ପାଇଁ ଯେତେସବୁ ସେବା ଓ ଦ୍ରବ୍ୟ ଆବଶ୍ୟକ ସେସବୁର ପୂର୍ତ୍ତିପାଇଁ ବ୍ରାହ୍ମଣ, କମାର, ବଢେଇ, ଗୁଡିଆ, କଂସାରି, ମାଳି, ମୋଚି, ବେତରା, ପଠାଣ, କେଉଟ, ବାଉଁଶ କାମ କରୁଥିବା ଆଦି ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର ସାହି ଓ ବସ୍ତିର ପୃଥକ୍ ବ୍ୟବସ୍ଥା। ସହରକୁ ଜଳଯୋଗାଣ ସୁଲଭ କରିବା ପାଇଁ ସହର ଦୁଇ ପାର୍ଶ୍ୱ ଓ ମଧ୍ୟରେ ବଡ଼ ବଡ ପୁଷ୍କରିଣୀର ବ୍ୟବସ୍ଥା। ସହରବାସୀଙ୍କ ଆସ୍ଥାପୂର୍ତ୍ତିପାଇଁ ତତ୍କାଳୀନ ଘଞ୍ଚ ପାହାଡ ଉପରେ ରଣପୁରେଶ୍ୱରୀ ମଣିନାଗଙ୍କ ମନ୍ଦିର, ସହରର ମଧ୍ୟଭାଗରେ ପୁରୀ ଶ୍ରୀମନ୍ଦିର ଢାଞ୍ଚାରେ ସୁଦୃଶ୍ୟ ଜଗନ୍ନାଥ ମନ୍ଦିର ଓ ସହରର ମଧ୍ୟ ଭାଗରେ ବିଭିନ୍ନ ମଠ ମନ୍ଦିରର ସ୍ଥାପନ। ତତ୍ ସଙ୍ଗେସଙ୍ଗେ ତିନିରଥ ବିଶେଷ ରଥଯାତ୍ରା, ୧୦୮ରୁ ଅଧିକ ବିମାନ ସହିତ ପଞ୍ଚୁଦୋଳ ଯାତ୍ରା, ଦଶହରା ଯାତ୍ରା, ରାସଯାତ୍ରା, ଦଣ୍ଡଯାତ୍ରା ସହ ଅନେକ ଯାନିଯାତ୍ରା ଲୋକଙ୍କର ଆଧ୍ୟାତ୍ମିକ ଓ ମନୋରଞ୍ଜନର ପୂର୍ତ୍ତି କରୁଥିଲା। କାଳକ୍ରମେ ସହରର ବୃଦ୍ଧି ସହିତ ବିକାଶ ବିକୃତ ହେବା ଆରମ୍ଭ ହୋଇଛି। ଦେଶର ଏକଦା ବାଘଙ୍କର ବାସସ୍ଥଳୀ ଥିବା ରଣପୁରର ମଣିନାଗ ପାହାଡ ସମେତ ଘଞ୍ଚ ମାଳ ଅରଣ୍ୟ ଉଜୁଡି ଯାଇଛି। ସହରର ବୃଦ୍ଧି ସହିତ ଜଳଯୋଗାଣ ବ୍ୟବସ୍ଥା ବର୍ଦ୍ଧିତ ହେବା ପରିବର୍ତ୍ତେ ସଙ୍କୁଚିତ ହୋଇଛି । ବି.ସି. ହାଇସ୍କୁଲ ପାଖରେ ଥିବା ଦୁଇଟି ଗାଡିଆ, ବସଷ୍ଟାଣ୍ଡ ନିର୍ମାଣ ହୋଇଥିବା ଏକ ପୁଷ୍କରିଣୀ ଓ ଶ୍ରୀମନ୍ଦିର ପଛପଟେ ଥିବା ଗୋଟିଏ ବୃହତ୍ ପୁଷ୍କରିଣୀ ପୋତି ହୋଇପଡିଥିବା ବେଳେ କୌଣସି ନୂତନ ପୁଷ୍କରିଣୀ ଖନନ କରାଯାଇନାହିଁ। ସହରର ବ୍ୟାପକ ବୃଦ୍ଧି ଓ ସବମର୍ସିବଲ ପମ୍ପର ବହୁଳ ବ୍ୟବହାର ଓ ରାସ୍ତାଘାଟର କଂକ୍ରିଟକରଣ, ଚାଷଜମିର କିସମ ପରିବର୍ତ୍ତନ ହୋଇ କୋଠାବାଡି ନିର୍ମାଣ ଭଳି ଆଧୁନିକତାର ପ୍ରଭାବ ଯୋଗୁଁ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଏଥିପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ପାଇଁ ଶାସନ କି ପ୍ରଶାସନ ଚିନ୍ତିତ ହେବାଭଳି ଲାଗୁନାହିଁ। ବହୁ ପ୍ରଚାରିତ ଭେଟବର ବନ୍ଧ ଜଳଯୋଗାଣ ଭଳି ଅଦୁରଦର୍ଶୀ ବ୍ୟବସ୍ଥା ପାଇଁ ଶହଶହ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ। ସେହିଭଳି ବର୍ଦ୍ଧିତ ଜନସଂଖ୍ୟାର ଆବଶ୍ୟକତା ମେଣ୍ଟାଇଲା ଭଳି ଖୋଲା ପଡିଆ କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି। ରଥ ପଡିଆ ଓ ପଞ୍ଚୁଦୋଳ ପଡିଆର ସମ୍ପୂର୍ଣ୍ଣ କଂକ୍ରିଟକରଣ ପରେ ବି.ସି. ହାଇସ୍କୁଲର ପୁରାତନ ଅଫିସ ଥିବା ବିସ୍ତୃତ ପଡିଆକୁ ହଷ୍ଟେଲ କରାଯାଇ ନଷ୍ଟ କରାଯାଇଛି। ରଣପୁର ସହରର ସୌନ୍ଦର୍ଯ୍ୟ ବୃଦ୍ଧି ଓ ଜଳସ୍ତର ସ୍ଥିର ରଖିବାରେ ସାହାଯ୍ୟ କରୁଥିବା ମଲାଗୁଣୀ ନଦୀ ଏବେ ମୃତପ୍ରାୟ। ସତୁରୀ ଦଶକରେ ଭେଟବର ବନ୍ଧ ଓ ଅଶୀ ଦଶକରେ ସାପୁଆଣି କ୍ଷୁଦ୍ର ଜଳସେଚନ ଯୋଜନା ପରେ ଦୀର୍ଘ ପାଞ୍ଚ ଶତାବ୍ଦି ଧରି ଏହି କୃଷିପ୍ରଧାନ ଅଂଚଳରେ କୌଣସି ନୂତନ ଜଳସେଚନ ବ୍ୟବସ୍ଥା କରାଯାଇନାହିଁ। ସହରର ମଧ୍ୟ ଭାଗରେ ଜଗନ୍ନାଥ ମନ୍ଦିର ସାମନା ଓ ପଞ୍ଚୁଦୋଳ ପଡିଆର ପରିବା ବଜାରକୁ ସ୍ଥାନାନ୍ତରିତ ନ କରାଯିବାରୁ ସହରର ରାସ୍ତା ଓ ସଙ୍କୁଚିତ ହେବା ସଙ୍ଗେ ସଙ୍ଗେ ଅନେକ ଐତିହ୍ୟ ବହନ କରୁଥିବା ଏହି ସ୍ଥାନଦ୍ୱୟର ମହତ୍ୱ ହ୍ରାସ ପାଉଛି। କୌଣସି ସୁଲଭ ସରକାରୀ ଦକ୍ଷତା ବିକାଶ ଅନୁଷ୍ଠାନର ଅଭାବରେ ଏଠାର ପାରମ୍ପରିକ କଳା ଓ ଶିଳ୍ପ ରୁଗ୍ଣ ହୋଇଚାଲିଛି। ଫଳରେ ଅଞ୍ଚଳର ଅନେକ ଲୋକ ଚେନ୍ନାଇ, ବାଙ୍ଗାଲୋର, ଜାମ୍ମୁ ଓ ଗୁଜୁରାଟକୁ ଦାଦନ ଖଟି ଯାଉଛନ୍ତି। ଜିଲ୍ଲା ପୁନର୍ଗଠନ ସମୟରେ ନୟାଗଡ ଜିଲ୍ଲାରେ ମିଶିଲେ ପ୍ରଶାସନିକ ଆବଶ୍ୟକତା ଦୃଷ୍ଟିରୁ ରଣପୁରକୁ ସବଡିଭିଜନର ମାନ୍ୟତା ଦିଆଯିବା ପ୍ରତିଶୃତି ଏଯାବତ୍ ପାଳନ ହୋଇନାହିଁ। ରଣପୁର, ବେଗୁନିଆ, ଓଡଗାଁ ପ୍ରଭୃତି ଏକାଧିକ ବ୍ଲକର ନିର୍ଭରଶୀଳ ସାଧାରଣ ଲୋକଙ୍କ ପାଇଁ ଆବଶ୍ୟକୀୟ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଘୋର ଅଭାବ ପରିଲକ୍ଷିତ ହେଉଛି। ମଣିନାଗକୁ ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ଘୋଷଣା କରାଯାଇଥିଲେ ମଧ୍ୟ ଯୋଜନାବଦ୍ଧ କାର୍ଯ୍ୟକ୍ରମ ଓ ଭିତ୍ତିଭୂମିର ଓ ପ୍ରଚାରର ଅଭାବ ଯୋଗୁଁ ତାହା ଆଶାନୁରୂପ ଆକର୍ଷିତ ହୋଇପାରୁନାହିଁ। ଏହିଭଳି ଅଭାବର ଫର୍ଦ୍ଦ ବହୁ ଲମ୍ବା। କିନ୍ତୁ ଏହାର ଉଦ୍ଦେଶ୍ୟ କେବଳ ଅଭିଯୋଗ ନୁହେଁ। ଯେଉଁ ମହାନ ବ୍ୟକ୍ତିଙ୍କ ନାମରେ ମହୋତ୍ସବର ନାମକରଣ କରାଯାଇଛି, ଯେଉଁମାନଙ୍କର ନାମ ନେଇ ଆମେ ନିଜକୁ ଗର୍ବିତ ମନେକରୁ, ରଣପୁରକୁ ଏକ ସମୃଦ୍ଧଶାଳୀ ଓ ସାଂସ୍କୃତିକ ସହରରେ ପରିଣତ କରିବାର ସେମାନଙ୍କ ସ୍ୱପ୍ନକୁ ସାକାର କରିବାର ସମୟ ଏବେ ଉପନୀତ। ପ୍ରେରଣାଦାୟୀ ଅତୀତକୁ ସମ୍ଭାବନାମୟ ଭବିଷ୍ୟତରେ ପରିଣତ କରିବା ମଧ୍ୟ ନିହାତି ଦରକାର।

(ମତାମତ ଲେଖକଙ୍କ ନିଜସ୍ୱ)

**ମୋବାଇଲ୍ :** ୯୪୩୭୨୭୪୫୯୨



ରାଜବାଟୀରେ ମା' ଖିଲାମୁଣ୍ଡା



ଝାମୁଯାତ୍ରା

# ସୁବର୍ଣ୍ଣବୁଦ୍ଧ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ଜଣାଅଜଣା



ଭ୍ରମଣପ୍ରିୟ ହୋଇଥିବାରୁ କୌଣସି ଦର୍ଶନୀୟ ସ୍ଥାନ ବୁଲିଯିବା ପୂର୍ବରୁ, ସେଠାକାର ଚିକିନିଖି ତଥ୍ୟ, ଇତିହାସ ଓ କିମ୍ବଦନ୍ତୀ ଆଦି ସଂଗ୍ରହ କରିବା ମୋର ଏକ ପୁରୁଣା ଅଭ୍ୟାସ। ଭ୍ରମଣର ଅସଲମଜା ସେତେବେଳେ ମିଳେ, ଯେତେବେଳେ ଦର୍ଶନୀୟ ସ୍ଥାନର ସବିଶେଷ ତଥ୍ୟ ଆପଣ ଆଗୁଆ ସଂଗ୍ରହ କରିଥାନ୍ତି । ଆଜି ବିଶ୍ୱର ବୃହତ୍ତମ ସ୍ୱର୍ଣ୍ଣ ନିର୍ମିତ ବୁଦ୍ଧମୂର୍ତ୍ତି ଦେଖାଇବା ପାଇଁ, ପାଠକ ମାନଙ୍କୁ ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ ସହରକୁ ନେଇଯିବି ।

ଥାଇଲାଣ୍ଡ ଭ୍ରମଣକାଳରେ ଖାଣ୍ଟି ସୁନାରେ ତିଆରି ବିଶ୍ୱର ବୃହତ୍ତମ ବୁଦ୍ଧମୂର୍ତ୍ତି ଦେଖିବାର ସୁଯୋଗ ମିଳିଥିଲା । ଏହାକୁ ୱାଟ ଟ୍ରେମିତ ଉଇଥାୟାରାମ ମନ୍ଦିର ପରିସରରେ ସ୍ଥାପନ କରାଯାଇଛି । ୫.୫ ଟନ୍ ( ୫୫୦୦ କିଲୋଗ୍ରାମ ) ଓଜନର ,ଖାଣ୍ଟି ଓ ନିଦା ସୁନାରେ ତିଆରି ଏହି ମୂର୍ତ୍ତିରେ ବ୍ୟାସ ୧୨ ଫୁଟ ୫ ଇଞ୍ଚ । ଉଚ୍ଚତା ୩ ମିଟର ( ୯.୮ ଫୁଟ) । ମୂର୍ତ୍ତିର ମସ୍ତକଟି ଅଣ୍ଡାକୃତି । ଅସାଧାରଣ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ମୂର୍ତ୍ତି ଟି ୭୦୦ ବର୍ଷରୁ ଅଧିକ ପୁରୁଣା ହେଲେ ବି ଏହା ସଦ୍ୟ ନିର୍ମିତ ପରି ପ୍ରତୀୟମାନ ହୁଏ । ଏହାର ସଠିକ ନିର୍ମାଣ କାଳ ଅଦ୍ୟାବଧି ଜଣା ପଡିନାହିଁ।

ସୁଖୋଥାଇ ରାଜବଂଶର ଶାସନ କାଳରେ ସମ୍ଭବତଃ ତ୍ରୟୋଦଶ-ଚତୁର୍ଦ୍ଦଶ ଶତାବ୍ଦୀରେ ଏହି ମୂର୍ତ୍ତି ନିର୍ମାଣ କରାଯାଇଥିବାର ଅନୁମାନ କରାଯାଏ । ସୁଖୋଥାଇ ରାଜବଂଶ ସମୟର କଳା ଭାସ୍କର୍ଯ୍ୟ ସଂପୂର୍ଣ୍ଣ ଭାବେ ଭାରତ ଦ୍ୱାରା ପ୍ରଭାବିତ ଥିଲା । ସେତେବେଳେ ଭାରତର ସୁଦକ୍ଷ କାରିଗରମାନେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ବରାଦପାଇ ମୂର୍ତ୍ତିମାନ ନିର୍ମାଣ କରୁଥିଲେ । ତେଣୁ ଏହା ଭାରତରେ ତିଆରି ହୋଇଥିବାର ଅନୁମାନ କରାଯାଏ । ମୂର୍ତ୍ତିରେ ଭାରତୀୟ କଳାଭାସ୍କର୍ଯ୍ୟ ସ୍ପଷ୍ଟ ପ୍ରତୀୟମାନ ହୁଏ । ତେବେ ଏହି ଦୁର୍ଲଭ ଓ ଦୁର୍ମୂଲ୍ୟ ମୂର୍ତ୍ତିରେ ଇତିହାସ ଅତ୍ୟନ୍ତ ରହସ୍ୟମୟ । ଏହି ବୁଦ୍ଧ ମୂର୍ତ୍ତିରେ ମୂଲ୍ୟ ପ୍ରାୟ ୨ କୋଟି ୮୫ ଲକ୍ଷ ପାଉଣ୍ଡ । ବର୍ତ୍ତମାନ ଭାରତୀୟ ମୁଦ୍ରାରେ ଏହା ୨୮୯ କୋଟି, ୨୧ ଲକ୍ଷ ୮୦ ହଜାର ଟଙ୍କା। ଏହା ଥାଇଲ୍ୟାଣ୍ଡ ଓ ବୌଦ୍ଧଧର୍ମର ଏକ ଅମୂଲ୍ୟ ସମ୍ପଦ ।

ରତନ କୋସିନ୍ ଯୁଗରେ, ତୃତୀୟ ଚକ୍ରି ବଂଶ ଶାସନ କାଳରେ ବ୍ୟାଙ୍କକ୍ ପ୍ରଗଣାର ୟୁନାୟା ଜିଲ୍ଲା ଅନ୍ତର୍ଗତ ଚୋଟୀନରମ ନାମକ ସ୍ଥାନରେ ଏହି ମୂର୍ତ୍ତିଟିକୁ ଏକ ସାଧାରଣ ଟିଣ ଆଚ୍ଛାଦିତ ମନ୍ଦିରରେ ରଖା ଯାଇଥିଲା । ଶତ୍ରୁମାନଙ୍କ ଦୃଷ୍ଟି ଏଡ଼ାଇବାପାଇଁ, ଏହା ଉପରେ ଏକ ବହଳ ସିମେଣ୍ଟ ପରସ୍ତ ଦେଇ ଏହାକୁ ଏକ ପରିତ୍ୟକ୍ତ ମନ୍ଦିରର ଗଭଗୃହରେ ସ୍ଥାପନ କରା ଯାଇଥିଲା ।

ଅତି ଚତୁରତାର ସହିତ ପ୍ଲାଷ୍ଟର ଉପରେ କଳା ରଙ୍ଗ ଲଗାଯାଇ ବିଭିନ୍ନ ରଙ୍ଗର କାଚ ଖଣ୍ଡରେ ମୂର୍ତ୍ତିଟିକୁ ସଜା ଯାଇଥିଲା । ଏଥିପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା ନଥିଲା । ଏହାକୁ ଏକ ସାଧାରଣ ମୂର୍ତ୍ତି ଭାବି, କେହି ଏହାକୁ ଗୁରୁତ୍ୱ ଦେଉନଥିଲେ । ୧୭୬୭ ମସିହାରେ ବର୍ମାର ଆକ୍ରମଣକାରୀଙ୍କ ଦ୍ୱାରା ରାଜବଂଶର ଅନ୍ତ ଘଟିଥିଲା । ଶତ୍ରୁ ଏହି ମୂର୍ତ୍ତିକୁ ସାଧାରଣ ମୂର୍ତ୍ତି ଭାବି ଛାଡି ଚାଲି ଯାଇଥିଲେ । ଅନେକ ବର୍ଷ ପରେ ପରିତ୍ୟକ୍ତ ମନ୍ଦିରଟି ଭଗ୍ନ ଅବସ୍ଥାକୁ ଆସିଯିବାରୁ, ମୂର୍ତ୍ତିଟିକୁ ସ୍ଥାନାନ୍ତର କରାଯିବାକୁ ଥାଇଲ୍ୟାଣ୍ଡ ସରକାର ନିଷ୍ପତ୍ତି ନେଇଥିଲେ ।

୨୫-୫-୧୯୫୫ ରେ ଏହି ବିଶାଳକାୟ ମୂର୍ତ୍ତିଟିକୁ ବ୍ୟାଙ୍କକୁ ସ୍ଥାନାନ୍ତରିତ କଲାବେଳେ ,ମୂର୍ତ୍ତିରେ ଲାଗିଥିବା ଦଉଡି ଛିଡି ଯାଇଥିଲା ଓ ମୂର୍ତ୍ତିଟି ତଳେ ପଡି, କିଛି ଅଂଶରୁ ପ୍ଲାଷ୍ଟର ଛାଡି ଯାଇଥିଲା । ପ୍ଲାଷ୍ଟର ଛାଡି ଯାଇଥିବା ସ୍ଥାନରୁ ପ୍ରଥମଥର ପାଇଁ ଜଣା ପଡିଲାଯେ, ମୂର୍ତ୍ତିଟି ବାସ୍ତବରେ ସୁନାରେ ତିଆରି। ତୁରନ୍ତ ଶ୍ରମିକମାନଙ୍କୁ କାର୍ଯ୍ୟ କରିବା ବନ୍ଦକରି ଦିଆଗଲା ଓ କଡା ସୁରକ୍ଷା ବଳୟ ଭିତରେ ସତର୍କତାର ସହିତ ପ୍ଲାଷ୍ଟର ଛଡ଼ାଇବା କାର୍ଯ୍ୟ ଆରମ୍ଭ ହେଲା। ଶୁଦ୍ଧ ସୁବର୍ଣ୍ଣ ନିର୍ମିତ ଏହି ବିଶାଳକାୟ କଳାକୃତିକୁ ଦେଖି କେବଳ ଥାଇଲାଣ୍ଡ କାହିଁକି ସାରା ବିଶ୍ୱ ଆଶ୍ଚର୍ଯ୍ୟଚକିତ ହୋଇଗଲା । ସଂଯୋଗବଶତଃ ସେହିବର୍ଷ ବୁଦ୍ଧଙ୍କ ଆବିର୍ଭାବର ୨୫ତମ ଶତାବ୍ଦୀବର୍ଷ ପଡୁଥିଲା । ୧୪-୦୨-୨୦୧୦ ରେ ଏହି ବିଶ୍ୱ ପ୍ରସିଦ୍ଧ ସୁବର୍ଣ୍ଣ ବୁଦ୍ଧମୂର୍ତ୍ତିକୁ ବ୍ୟାଙ୍କକ ସ୍ଥିତ ଉଇଥାୟାରାମ ମନ୍ଦିରରେ ସ୍ଥାପନା କରାଗଲା। ସେତେବେଳେ ଥାଇଲାଣ୍ଡକୁ ବାହ୍ୟ ଶତ୍ରୁ ଆକ୍ରମଣର ଭୟ ସବୁବେଳେ ରହୁଥିଲା । ତେଣୁ ତତ୍କାଳୀନ ରାଜା ମୂର୍ତ୍ତିର ସୁରକ୍ଷା ପାଇଁ ଏହି ଅଭିନବ କୌଶଳ ଆପଣାଇ ଥିଲେ । ରାଜାଙ୍କ ମୃତ୍ୟୁ ପରେ, ଏହି ପ୍ରସଙ୍ଗରେ କାହା ପାଖରେ କିଛି ତଥ୍ୟ ନଥିଲା । ଶହଶହ ବର୍ଷ ପ୍ଲାଷ୍ଟର ତଳେ ଲୁକ୍କାୟିତ ରହି, ଏହି ମୂର୍ତ୍ତିଟି ବିଦେଶୀ ଶତ୍ରୁ କବଳରୁ ବର୍ତ୍ତି ଯାଇଥିଲା । ସାଧାରଣତଃ ଥାଇଲାଣ୍ଡ ରାଜାମାନଙ୍କୁ ହିନ୍ଦୁ ଧର୍ମଗ୍ରନ୍ଥର ରାଜାରାମ ନାମରେ ନାମରେ ନାମିତ କରାଯାଇଥାଏ । ୧୩-୧୦-୨୦୧୬ ରେ,ରାଜା ରାମ-୯ ଙ୍କ ମୃତ୍ୟୁପରେ ବର୍ତ୍ତମାନ ରାମ-୧୦ ସମ୍ପ୍ରତି ଥାଇଲାଣ୍ଡର ରାଜା ଅଛନ୍ତି

ଛଡାଯାଇଥିବା ସମସ୍ତ ପ୍ଲାଷ୍ଟର ଓ କାଚଖଣ୍ଡ ସବୁକୁ ଏବେ ମଧ୍ୟ ମନ୍ଦିର ପରିସରରେ ଦର୍ଶକମାନଙ୍କ ପାଇଁ ରଖାଯାଇଛି।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

# ରାଜା ଚିତ୍ରକେତୁ ଚରିତ -(୧)

ଅର୍ଜ୍ଜୁନୀ ଚରଣ ବେହେରା

ଅତି ପ୍ରାଚୀନକାଳର କଥା, ଶୁରସେନ ଦେଶରେ ଚିତ୍ରକେତୁ ନାମକ ଜଣେ ଚକ୍ରବର୍ତ୍ତୀ ସମ୍ରାଟ୍ ରାଜପଣ କରୁଥିଲେ । ତାଙ୍କ ରାଜ୍ୟରେ କୌଣସି ଦୁଃଖ ଦୈନ୍ୟ ନଥିଲା । ପ୍ରଜାମାନେ ସୁଖରେ ବାସ କରୁଥିଲେ । ତାଙ୍କର କୋଟିଏ ରାଣୀ ଥିଲେ ହେଁ କାହା ଗର୍ଭରୁ କୌଣସି ପୁତ୍ର କନ୍ୟା ସମ୍ଭବ ହେଲା ନାହିଁ । ଏହାହିଁ ଥିଲା ଚିତ୍ରକେତୁଙ୍କର ଦୁଃଖ । ଦିନେ ଋଷି ଅଙ୍ଗିରା ବିଭିନ୍ନ ଲୋକାଲୋକ ଭ୍ରମଣ କରି କରି ଆସି ସମ୍ରାଟ୍ ଚିତ୍ରକେତୁଙ୍କ ପ୍ରାସାଦରେ ପହଞ୍ଚି ଗଲେ । ମହାରାଜା ଅତି ଆନନ୍ଦରେ ତାଙ୍କୁ ପାଛୋଟି ନେଇ ପାଦ୍ୟ ଅର୍ଘ୍ୟ ଦେଇ ଋଷିଙ୍କ ପୂଜା କଲେ । ଋଷି ଆସନରେ ବସିଲାପରେ ସେ ତାଙ୍କ ପାଦପାଖରେ ତଳେ ବସି ପଡ଼ିଲେ । ଋଷି ଅଙ୍ଗିରା ରାଜାଙ୍କର ଏ ବିନୟ ଭାବ ଦେଖି କୁଶଳ ଜିଜ୍ଞାସା ପୂର୍ବକ କହିଲେ, ହେ ରାଜନ୍, ତୁମେ ସୁଖରେ ଅଛ ତ, ତୁମ ପ୍ରଜାମାନେ ସୁଖରେ ଅଛନ୍ତି ତ? ରାଜାଙ୍କୁ ନୀରବ ଦେଖି ଅଙ୍ଗିରା କହିଲେ, ମୋତେ ଲାଗୁଛି ତୁମର କୌଣସି କାମନା ଅପୂର୍ଣ୍ଣ ରହିଛି।

ଚିତ୍ରକେତୁ କହିଲେ, ହେ ମହାତ୍ମନ୍ ! ତ୍ରିକାଳ ଦର୍ଶୀ ଆପଣଙ୍କୁ କେଉଁ କଥା ବା ଅଜଣା ଅଛି । ଆପଣଙ୍କ ଆଶୀର୍ବାଦରୁ ମୁଁ ସମସ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇଛି । କିନ୍ତୁ ସନ୍ତାନଟିଏ ନଥିବାରୁ ମୋତେ ଟିକିଏ ମଧ୍ୟ ଶାନ୍ତି ମିଳୁନାହିଁ। ଏହା ହିଁ ମୋର ଏକମାତ୍ର ଦୁଃଖ । ମୋ ପିତୃପୁରୁଷ ମାନେ ମଧ୍ୟ ପିଣ୍ଡ ପାଇବେ ନାହିଁ ଆଶଙ୍କା କରି ଅତିଶୟ ଦୁଃଖରେ ଅଛନ୍ତି। ଆପଣ ମୋତେ ସନ୍ତାନଟିଏ ପ୍ରଦାନ କରି ମୋତେ ଘୋର ନର୍କରୁ ଉଦ୍ଧାର କରନ୍ତୁ ।

ରାଜାଙ୍କ ଏପରି ବିନୟ ଶୁଣି, ମହର୍ଷି ଅଙ୍ଗିରା ତ୍ୱଷ୍ଟା ଦେବଙ୍କ ଉଦ୍ଦେଶ୍ୟରେ ଚରୁ ପ୍ରସ୍ତୁତକରି ସେଥିରେ ଯଜ୍ଞ କଲେ । ଚିତ୍ରକେତୁଙ୍କ ରାଣୀମାନଙ୍କ ମଧ୍ୟରେ ସବୁଠାରୁ ସଦଗୁଣବତୀ ରାଣୀ ଥିଲେ ବଡ଼ରାଣୀ କୃତଦ୍ୟୁତି । ତାଙ୍କୁ ମହର୍ଷି ଚରୁପ୍ରସାଦ ଅର୍ପଣକରି କହିଲେ, ରାଜନ୍ !! ତୁମ ରାଣୀଙ୍କ ଗର୍ଭରୁ ଏପରି ଏକ ପୁତ୍ର ଜନ୍ମହେବ ଯିଏ ତୁମକୁ ହର୍ଷ ଓ ବିଷାଦ ଉଭୟ ଦେବ । ଏପରି କହି ଋଷି ପ୍ରସ୍ଥାନ କଲେ । ଯଥାକାଳେ ମହାରାଣୀ କୃତଦ୍ୟୁତିଙ୍କ ଗର୍ଭରୁ ଏକ ସୁନ୍ଦର ପୁତ୍ର ଭୂମିଷ୍ଠ ହେଲା । ରାଜାଙ୍କର ଆନନ୍ଦର ସୀମା ରହିଲା ନାହିଁ । ପୁଅର ଜାତ ସଂସ୍କାର କରି ସେ ବହୁ ଦାନ ଦକ୍ଷିଣା ଦେଲେ।

ବହୁ କଷ୍ଟରେ ପାଇଥିବା ପୁତ୍ରଟି ପ୍ରତି ରାଜା ତଥା ରାଣୀଙ୍କର ଦିନୁଦିନ ସ୍ନେହ ବଢ଼ିବାରେ ଲାଗିଲା । କିନ୍ତୁ ଏହାଦେଖି ରାଣୀଙ୍କ ସଉତୁଣୀ ମାନଙ୍କ ମନ ପୁତ୍ରକାମନାରେ ଖୁବ୍ ବ୍ୟଥିତ ହେବାକୁ ଲାଗିଲା । ରାଜା ଚିତ୍ରକେତୁ ମଧ୍ୟ ରାଣୀ କୃତଦ୍ୟୁତିଙ୍କୁ ଯେତେ ସ୍ନେହ କଲେ ଅନ୍ୟମାନଙ୍କୁ କଲେ ନାହିଁ । ଫଳରେ ସମସ୍ତେ ଈର୍ଷାରେ ଜଳି ଉଠିଲେ । ଅତିଶୟ ଈର୍ଷା ପରାୟଣତାରୁ ସେମାନଙ୍କର ଆଉ ହିତାହିତ ଜ୍ଞାନ ରହିଲା ନାହିଁ । ଶେଷକୁ ସେମାନେ ପୁତ୍ରଟିକୁ ବିଷ ଦେଇଦେଲେ । ପୁଅଟି ଶୋଇଥାଏ । ବହୁ ସମୟ ଧରି ପୁତ୍ର ଶୋଇଛି, ଏଣୁ ରାଣୀ କୃତଦ୍ୟୁତି ଜଣେ ଧାଈକୁ ତାକୁ ଘେନି ଆଣିବାକୁ ପଠାଇଲେ। ଧାଈ ଯାଇ ମୃତ ପୁତ୍ରକୁ ଦେଖି ଉଚ୍ଚ ସ୍ୱରରେ କାନ୍ଦିବାରୁ ରାଣୀ ଦୌଡ଼ିଯାଇ ଦେଖନ୍ତିତ ପୁତ୍ର ତାଙ୍କର ନାହିଁ । ରାଣୀ କରୁଣ ସ୍ୱରରେ କାନ୍ଦିବାକୁ ଲାଗିଲେ । ତାଙ୍କ ସହ ହତ୍ୟାକାରୀ ରଣୀମାନେ ମଧ୍ୟ ଆସି ମିଛରେ କାନ୍ଦିବାକୁ ଲାଗିଲେ । ରାଜା ଚିତ୍ରକେତୁ ପୁତ୍ର ମରି ଯାଇଛି ଜାଣି ଖୁବ୍ ଶୋକାକୁଳ ହୋଇ ପଡ଼ିଲେ । ତାଙ୍କୁ ଚତୁର୍ଦ୍ଦିଗ ଅନ୍ଧକାର ଦେଖାଗଲା ।



ଅତିଶୟ ଶୋକାକୁଳା ରାଣୀ ପୁତ୍ର ମୃତ୍ୟୁରେ କାନ୍ଦି କାନ୍ଦି ବିଧାତା ପୁରୁଷଙ୍କୁ ନିନ୍ଦା କରିବାକୁ ଲାଗିଲେ । ରାଜା ରାଣୀଙ୍କ କ୍ରନ୍ଦନ ସାଙ୍ଗକୁ ପ୍ରଜା ଓ ଅମାତ୍ୟ ମାନଙ୍କ କ୍ରନ୍ଦନମିଶି ସାରା ଜଗତଟା ଚେତାଶୂନ୍ୟ ହୋଇଗଲା ପରି ଲାଗିଲା । ରାଜା ଏବଂ ରାଣୀଙ୍କ ପାଖରେ କେହି ମଧ୍ୟ ନଥାନ୍ତି ସାନ୍ତ୍ୱନା ଦେବାକୁ । ଏପରି ଅବସ୍ଥା ଦେଖି ମହର୍ଷି ଅଙ୍ଗିରା ଓ ନାରଦ ଆସି ସେଠାରେ ପହଞ୍ଚି ଗଲେ ।

ମହର୍ଷି ଅଙ୍ଗିରା ଚିତ୍ରକେତୁଙ୍କୁ ବିସ୍ତାରିତ କରି ଜୀବ ପରମ ତତ୍ତ୍ୱ ବୁଝାଇ କହିଲେ, ଏହି ଦେହ ହେଉଛି ନାଶବାନ । ଏହି ଦେହ ଭିତରେ ନିବାସ କରୁଥିବା ଆତ୍ମା ହେଉଛି ପରମାତ୍ମାଙ୍କ ସତ୍ତା, ଯାହା ସର୍ବଥା ଅବିନାଶୀ । ସୁତରାଂ ତୁମେ ନାଶବାନ୍ ଏହି ଦେହ ପାଇଁ ତୁମର ଶୋକ ପରିହାର କର । ନାରଦ ମଧ୍ୟ ତାଙ୍କୁ ସେହି କଥା ବୁଝାଇଲେ। ଦୁହିଁଙ୍କ କଥା ଶୁଣି ଚିତ୍ରକେତୁ ଟିକିଏ ଧୈର୍ଯ୍ୟ ଧରିଲେ । ସେ ଆଶ୍ଚର୍ଯ୍ୟ ହୋଇ ଦୁଇ ମହାତ୍ମାଙ୍କ ପରିଚୟ ପଚାରିବାରୁ ଋଷି ଅଙ୍ଗିରା କହିଲେ, ମୁଁ ହେଉଛି ଋଷି ଅଙ୍ଗିରା । ଆଉ ଇଏ ହେଉଛନ୍ତି ବ୍ରହ୍ମାଙ୍କ ପୁତ୍ର ଦେବର୍ଷି ନାରଦ । ମୁଁ ହିଁ ତୁମକୁ ପୁତ୍ର ପ୍ରଦାନ କରିଥିଲି ।

ଏହାପରେ ଦେବର୍ଷି ନାରଦ କହିଲେ, ହେ ରାଜନ୍ ! ମୁଁ ତୁମକୁ ଏକ ମନ୍ତ୍ର ଦେଉଛି । ତୁମେ ଏହା ଧାରଣ କଲେ, ସାତରାତି ଭିତରେ ଭଗବାନ ସଙ୍କର୍ଷଣଙ୍କ ଦର୍ଶନ ପାଇବ । ପ୍ରାଚୀନ କାଳରେ ଶଙ୍କର ପ୍ରଭୃତି ଭଗବାନ ସଙ୍କର୍ଷଣଙ୍କ ପଦ କମଳକୁ ଆଶ୍ରୟ କରି ଏହି ସଂସାର ଭ୍ରମକୁ ଅତିକ୍ରମ କରିଥିଲେ । ତୁମେ ମଧ୍ୟ ତାଙ୍କୁ ଆଶ୍ରୟକରି ପରମପଦ ପାଇଯିବ।

ଏହାପରେ ନାରଦ ମୃତ ରାଜପୁତ୍ରଙ୍କର ଜୀବାତ୍ମାକୁ ଡାକି କହିଲେ, ହେ ଜୀବାତ୍ମା ! ତୁମର ପିତା ମାତା ରୋଦନ କରୁଛନ୍ତି । ତୁମେ ତୁମର ଏହି ଶରୀରକୁ ଆସି ସେମାନଙ୍କ ଶୋକ ଦୂରକର ଓ ତୁମର ବାକି ଆୟୁ ଭୋଗ ପୂର୍ବକ ସମସ୍ତ ରାଜ ଐଶ୍ୱର୍ଯ୍ୟ ଭୋଗ କର । କିନ୍ତୁ ଜୀବାତ୍ମା କହିଲା, ହେ ଦେବର୍ଷି, ନାନା ଯୋନୀରେ ମୁଁ କେତେ ଜନ୍ମ ବୁଲି ସାରିଲିଣି। କିଏ ମୋର ପିତା, କିଏ ମୋର ମାତା, ମୁଁ ଜାଣେ ନାହିଁ । ଜୀବାତ୍ମା ଏ କଥା କହି, ସେଠାରୁ ଅନ୍ତର୍ହିତ ହୋଇଗଲା । ଯେଉଁମାନେ ଶୋକ କରୁଥିଲେ, ଜୀବାତ୍ମା କଥାରେ ସମସ୍ତେ ଆଶ୍ଚର୍ଯ୍ୟହେଲେ । ଆତ୍ମାର କଥା ଶୁଣି ସମସ୍ତଙ୍କ ଶୋକ ଓ ମୋହ ଦୂର ହୋଇଗଲା । ତା ପରେ ସମସ୍ତେ ମିଳି ସେହି ମୃତ ପୁତ୍ରର ଶବକୁ ନେଇ ଅନ୍ତିମ ସଂସ୍କାର କଲେ । ହତ୍ୟାକାରୀ ରାଣୀମାନେ ଯମୁନା ତଟକୁ ଯାଇ ବାଳକ ହତ୍ୟା ଜନିତ ପାପର ପ୍ରାୟଶ୍ଚିତ କଲେ ।

ଅଙ୍ଗିରା ଓ ନାରଦଙ୍କ ଉପଦେଶରେ ଚିତ୍ରକେତୁଙ୍କ ବିବେକ ଉଦୟ ହେଲା । ସେ ଘର ସଂସାର ରୂପୀ ଅନ୍ଧକୂପରୁ ବାହାରି ଆସିଲେ । ସେ ଯାଇ ଯମୁନା ଜଳରେ ସ୍ନାନ ତର୍ପଣ ଆଦି ସାରି ଶୁଦ୍ଧପୂତ ହୋଇ ଦେବର୍ଷି ନାରଦ ଦେଇଥିବା ମନ୍ତ୍ର ଦ୍ୱାରା ଭଗବାନ୍ ଶଙ୍କର୍ଷଣଙ୍କୁ ଧ୍ୟାନ କରିବାରେ ଲାଗିଲେ । କେବଳ ଜଳ ଆହାରକରି ସାତଦିନ ଓ ସାତରାତିର ଧ୍ୟାନ ପରେ ଚିତ୍ରକେତୁ ଭଗବାନ ଶେଷଦେବଙ୍କ ଚରଣ ନିକଟରେ ପହଞ୍ଚି ଗଲେ । ତାଙ୍କର ସୁନ୍ଦର ରୂପକୁ ଦର୍ଶନ ମାତ୍ରେ ରାଜା ଚିତ୍ରକେତୁଙ୍କର ସକଳ ପାପ ନଷ୍ଟହୋଇ ତାଙ୍କ ଅନ୍ତଃକରଣ ଶୁଦ୍ଧ ହୋଇଗଲା । ସେ ଭକ୍ତି ଗଦଗଦ ହୋଇ ଭଗବାନ ଶଙ୍କର୍ଷଣଙ୍କୁ ସ୍ତୁତି କରିବାକୁ ଲାଗିଲେ :-

ପ୍ରାଣୀ ସମୂହ ଆଦି କରି ।
ଅବନୀ ଯେହୁ ଅଛି ଧରି ॥
ସହସ୍ର ମସ୍ତକ ଈଶ୍ୱର ।
ନମସ୍ତେ ବ୍ରହ୍ମାଣ୍ଡ ଠାକୁର ॥

ମୋ -୭୬୯୩୦୯୧୯୭୧

(କ୍ରମଶଃ...)

## ସମ୍ପାଦକୀୟ

ଜାନୁଆରୀ ୫ ତାରିଖ ସହିଦ ଅର୍ଜ୍ଜୁନ ରାଉତଙ୍କ ସ୍ମୃତିରେ ରଣପୁରରେ "ରଣପୁର ମହୋତ୍ସବ ଅର୍ଜ୍ଜୁନ - ୨୦୨୬" ଅନୁଷ୍ଠିତ ହେଉଛି। ତାଙ୍କରି ବଳିଦାନ ଦିବସରେ ଆଜିର ଏହି ସ୍ୱତନ୍ତ୍ର ପୃଷ୍ଠାକୁ ଆମେ ରଣପୁରର ସହିଦମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରୁଅଛୁ। ସେ ସହିଦ ରଘୁ-ଦିବାକର ହୁଅନ୍ତୁ କି ଅର୍ଜ୍ଜୁନ ରାଉତ, ମହିମାମଣ୍ଡିତ ରଣପୁରଗଡ଼ର ଐତିହ୍ୟ ବହୁଧା ବିକଶିତ ଓ ପରମ୍ପରା ଦିଗନ୍ତ ବିସ୍ତୃତ। ଐତିହାସିକ ପ୍ରମାଣକୁ ଆଧାରକରି ଅନେକେ ରଣପୁରକୁ ପୁରୀ ସହିତ ତୁଳନା କରି ମହାପ୍ରଭୁଙ୍କ ଷୋହଳ କଳାରୁ ଏଠାରେ କଳାଏ ଅଛି ବୋଲି କହିଥାନ୍ତି। ଡାକିଲେ 'ଓ' କରୁଥିବା ମା' ମଣିନାଗ ଠାକୁରାଣୀଙ୍କ ସର୍ବଜନବିଦିତ ମହିମା ବିଷୟରେ କେହି କେହି ମଧ ଆଲୋଚନା କରିଥାନ୍ତି। ମହାପ୍ରଭୁ ଜଗନ୍ନାଥ ଓ ମା' ମଣିନାଗଙ୍କ ଅଭୟ କୃପାବେଷ୍ଟିନୀ ମଧରେ ରଣପୁର ଅଞ୍ଚଳବାସୀ ଅତ୍ୟନ୍ତ ସୁରକ୍ଷିତ ଆଉ ସଂଗଠିତ। ସେହି ସଂଗଠିତ ନମୁନାର ପରିପ୍ରକାଶ ହେଉଛି 'ରଣପୁର ମହୋତ୍ସବ ଅର୍ଜ୍ଜୁନ-୨୦୨୬' ଯାହାର ପୁଣି ଥରେ ସଫଳତା କାମନା କରୁଛି ଏବଂ ଆୟୋଜକଙ୍କୁ ବଧେଇ ଜଣାଉଛି।

- ସମ୍ପାଦକ

# ରାଜ୍ୟର ସ୍ୱାସ୍ଥ୍ୟ ରାଜମାତାଙ୍କ ହାତରେ

ଓଡ଼ିଶାର ନିର୍ବାଚନ ରାଜନୀତିରେ ମହିଳାଙ୍କର ଭୂମିକା ସଦାବେଳେ ଗୁରୁତ୍ୱପୂର୍ଣ୍ଣ ରହିଆସିଛି । ସ୍ୱାଧୀନତା ପୂର୍ବରୁ ୬୦ଜଣିଆ ଓଡ଼ିଶା ବିଧାନସଭାରେ ମହିଳାଙ୍କ ପାଇଁ ଦୁଇଟି ଆସନ ସଂରକ୍ଷିତ ଥିଲା । ବ୍ରହ୍ମପୁର ମହିଳା ଆସନରୁ ଜିଣି ଏ.ଲକ୍ଷ୍ମୀବାଈ ରାଜ୍ୟର ଉପବାଚସ୍ପତି ହୋଇଥିଲେ। ମାତ୍ର କେହି ବି ମହିଳା ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇପାରି ନଥିଲେ । ଏହି ସୌଭାଗ୍ୟ ପ୍ରଥମେ ଯେଉଁ ମହିଳାଙ୍କ ହାତକୁ ଗଲା ସେ ହେଲେ ରଣପୁରର ରାଜମାତା ବସନ୍ତମଞ୍ଜରୀ ଦେବୀ ।

ଗଡ଼ଜାତ ରାଜ୍ୟମାନେ ଓଡ଼ିଶା ପ୍ରଦେଶ ସହ ମିଶିଯିବା ପରେ ସେହି ଅଞ୍ଚଳର ଲୋକେ ୧୯୫୧-୫୨ରେ ପ୍ରଥମଥର ପାଇଁ ସାଧାରଣ ନିର୍ବାଚନରେ ଯୋଗଦେବାର ସୁଯୋଗ ପାଇଲେ । ସେହି ନିର୍ବାଚନରେ ମାତ୍ର ତିନିଜଣ ମହିଳା ବିଧାନସଭାକୁ ନିର୍ବାଚିତ ହୋଇ ଆସିଥିଲେ । ସେମାନେ ହେଲେ ପଟ୍ଟାମୁଣ୍ଡାଇରୁ କୁମାରୀ ରାମରାଜ (ସ୍ୱାଧୀନ), ରାଜନଗରରୁ ସରସ୍ୱତୀ ଦେବୀ (କଂଗ୍ରେସ) ଓ ରଣପୁରରୁ ରାଜାମତା ବସନ୍ତମଞ୍ଜରୀ ଦେବୀ (କଂଗ୍ରେସ) । ଏହି ନିର୍ବାଚନରେ ଅଧିକାଂଶ ଗଡ଼ଜାତର ରାଜା ମହାରାଜାମାନେ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ 'ଗଣତନ୍ତ୍ର ପରିଷଦ' ତରଫରୁ ନିର୍ବାଚନ ଲଢୁଥିବା ବେଳେ ବସନ୍ତ ମଞ୍ଜରୀ କଂଗ୍ରେସ ଦଳ ଟିକେଟରେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ ।

୧୯୦୦ ମସିହାରେ ଜନ୍ମିତା ନୀଳଗିରିର ରାଜା ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ କନ୍ୟା ରାଜକୁମାରୀ ବସନ୍ତମଞ୍ଜରୀ ୧୯୨୮ ମସିହାରେ ରଣପୁର ଯୁବରାଜ ବିରଞ୍ଚି ନାରାୟଣ ସିଂହଦେଓଙ୍କୁ ବିବାହକରି ରଣପୁରକୁ ଆସିଥିଲେ । ତାଙ୍କର ପୁତ୍ର ବ୍ରଜେନ୍ଦ୍ର ଚନ୍ଦ୍ର ସିଂହଦେଓ ବଜ୍ରଧର ନରେନ୍ଦ୍ର ମହାପାତ୍ର ୧୯୪୫ରେ ରାଜପଦରେ ଅଭିଷିକ୍ତ ହେବ। ପରେ ସେ ରାଜମାତାର ମର୍ଯ୍ୟାଦା ପାଇଲେ । ସେତେବେଳେ ରଣପୁର ଅଞ୍ଚଳରେ କମ୍ୟୁନିଷ୍ଟମାନଙ୍କର ପ୍ରଭାବ ଯଥେଷ୍ଟ ଅଧିକ ଥାଏ । ମାତ୍ର ୧୯୫୨ ନିର୍ବାଚନରେ ରାଜମାତା ନିଜେ କଂଗ୍ରେସ ଦଳର ପ୍ରାର୍ଥୀ ହେବା ପରେ ଭୋଟରମାନେ ତାଙ୍କୁ ହିଁ ଅଧିକ ପସନ୍ଦ କଲେ । ରାଜାମାତା ବସନ୍ତ ମଞ୍ଜରୀ କମ୍ୟୁନିଷ୍ଟ ପାର୍ଟିର ପ୍ରାର୍ଥୀ ଗଙ୍ଗାଧର ମିଶ୍ରଙ୍କୁ ୮୦୦୦ରୁ ଅଧିକ ଭୋଟରେ ପରାଜିତ କରି ବିଧାନସଭାକୁ ଆସିଲେ ଏବଂ ସବୁଠାରୁ ଆନନ୍ଦର କଥା ହେଲା ଯେ, ନବକୃଷ୍ଣ ଚୌଧୁରୀଙ୍କର କଂଗ୍ରେସ ମନ୍ତ୍ରିମଣ୍ଡଳରେ ତାଙ୍କୁ ସ୍ୱାସ୍ଥ୍ୟ ବିଭାଗର ଉପମନ୍ତ୍ରୀ ପଦ ମିଳିଲା ।



ସେଥର ନିର୍ବାଚନରେ କଂଗ୍ରେସ ଦଳ ତରଫରୁ ଅନେକ ଯୁବନେତା ନିର୍ବାଚନ ଜିଣି ଆସିଥିଲେ । ବିଜୁ ପଟ୍ଟନାୟକ (ଜଗନ୍ନାଥପ୍ରସାଦ), ବୀରେନ୍ ମିତ୍ର (କଟକ) ଓ ପବିତ୍ର ମୋହନ ପ୍ରଧାନ (ତାଳଚେର) ପ୍ରମୁଖ ମନ୍ତ୍ରୀ ପଦ ପାଇନଥିଲା ବେଳେ ବସନ୍ତମଞ୍ଜରୀଙ୍କୁ ମନ୍ତ୍ରୀପଦ ମିଳିବା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା । ସେହି ମନ୍ତ୍ରିମଣ୍ଡଳରେ ଧାମନଗର ଆସନରୁ ଜିଣି ବିଧାନସଭାକୁ ଆସିଥିବା ନୀଳମଣି ରାଉତରାୟ ଗୃହ ବିଭାଗର ଉପମନ୍ତ୍ରୀ ପଦ ପାଇଥିଲେ । ରାଉତରାୟ ତାଙ୍କ ଆତ୍ମଜୀବନୀ 'ସ୍ମୃତି ଓ ଅନୁଭୂତି'ରେ ସୂଚାଇଛନ୍ତି ଯେ, ସେତେବେଳେ "ଭାରତବର୍ଷର କୌଣସି ରାଜ୍ୟରେ ବା କେନ୍ଦ୍ରରେ ଉପମନ୍ତ୍ରୀ ପଦ ସୃଷ୍ଟି ହୋଇନଥିଲା। ଆମ ରାଜ୍ୟରେ ଏହି ପଦ ସୃଷ୍ଟି ହେବା ପରେ ଅନ୍ୟ ରାଜ୍ୟମାନେ ତାହାର ଅନୁକରଣ କରିଥିଲେ ।"

ବସନ୍ତମଞ୍ଜରୀ ମନ୍ତ୍ରୀପଦ ପାଇବା ଦ୍ୱାରା ପ୍ରଥମଥର ପାଇଁ ଜଣେ ମହିଳା ଯେ ଓଡ଼ିଶାର ମନ୍ତ୍ରୀ ହୋଇଥିଲେ ସେତିକି ନୁହେଁ, ତାଙ୍କ ହାତରେ ସ୍ୱାସ୍ଥ୍ୟ ବିଭାଗ ରହିବା ରାଜ୍ୟବାସୀଙ୍କ ପାଇଁ ଅତ୍ୟନ୍ତ ଶୁଭଙ୍କର ହୋଇଥିଲା । ମା' ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସାରା ରାଜ୍ୟରେ 'ମାତୃମଙ୍ଗଳ କେନ୍ଦ୍ର'ମାନ ସ୍ଥାପନ କରି ସେ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ । ୧୯୫୭ରେ ସେ ପୁଣିଥରେ ରଣପୁର ଆସନରୁ ଲଢ଼ିଲେ ଏବଂ ବିରୋଧୀ କମ୍ୟୁନିଷ୍ଟ ପ୍ରାର୍ଥୀ ଗଙ୍ଗାଧର ମିଶ୍ରଙ୍କୁ ୬୦୦୦ରୁ ଅଧିକ ଭୋଟ୍‌ରେ ପରାସ୍ତ କଲେ । ଏଥର ସେ ହରେକୃଷ୍ଣ ମହତାବ୍‌ଙ୍କ ନେତୃତ୍ୱରେ ଗଠିତ କଂଗ୍ରେସ ମନ୍ତ୍ରିମଣ୍ଡଳରେ ପୁଣି ସେହି ସ୍ୱାସ୍ଥ୍ୟ ବିଭାଗ ପାଇଲେ। ମାତ୍ର ଏଥର ସେ ହେଲେ କ୍ୟାବିନେଟ୍ ମନ୍ତ୍ରୀ ।



ସ୍ୱରାଜ ମିଶ୍ର

ଦୁଇ ଦୁଇଥର ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀପଦ ସମ୍ଭାଳିଥିବା ରାଜାମାତା ବସନ୍ତମଞ୍ଜରୀ ଦେବୀ ନିଜର କାର୍ଯ୍ୟଦକ୍ଷତା ଓ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ପାଇଁ ବେଶ୍ ଜନପ୍ରିୟ ହୋଇପାରିଥିଲେ । ଚାନ୍ଦପୁର ଅଞ୍ଚଳରେ ପ୍ରତିଷ୍ଠିତ 'ରାଜଯକ୍ଷ୍ମା ଚିକିତ୍ସାଳୟ'ଟି ତାଙ୍କର ଏକ ମହତ୍ୱପୂର୍ଣ୍ଣ ଅବଦାନ, ଯାହାକି ତାଙ୍କ ନାମରେ ନାମିତ ହୋଇଛି ।

ବସନ୍ତମଞ୍ଜରୀ କେବଳ ରାଜ୍ୟର ପ୍ରଥମ ମହିଳା ମନ୍ତ୍ରୀ ନଥିଲେ, ସେ ଥିଲେ ସାରା ରାଜ୍ୟପାଇଁ ମାତୃସ୍ଥାନୀୟା ମା'ଟିଏ । ନିଜର ଛୁଆମାନଙ୍କର ସ୍ୱାସ୍ଥ୍ୟକୁ ଜଗିରହିଲା ଭଳି ସେ ରାଜ୍ୟର ସ୍ୱାସ୍ଥ୍ୟସେବାକୁ ଅଧିକ ନିର୍ଭରଯୋଗ୍ୟ ଓ ପ୍ରଭାବଶାଳୀ କରିପାରିଥିଲେ ।

# ଚାଲିଛି ଭୋଟ, ଜଳୁଛି ଜୁଇ

"ମୋର ଅନୁରୋଧ, ଦୟାକରି ଟିକିଏ ଈଶ୍ୱରବାବୁଙ୍କୁ ଡାକିଦିଅନ୍ତୁ । ସେ ମୋତେ ସକାଳ ପର୍ଯ୍ୟନ୍ତ ବଞ୍ଚାଇ ଦିଅନ୍ତୁ । ମୋର ଭୋଟଦେଇ ମୁଁ ମରିବି ।" ଏ ଆକୁଳ ଅନୁରୋଧଟି ଥିଲା ରାଜମାତା ବସନ୍ତମଞ୍ଜରୀ ଦେବୀଙ୍କର ।

୧୯୬୧ ମସିହା ବିଧାନସଭା ନିର୍ବାଚନ ସମୟରେ, ଭୋଟଗ୍ରହଣ ପୂର୍ବଦିନ ରାତ୍ରିଭୋଜନ ପରେ, ଚାନ୍ଦପୁର ନିକଟସ୍ଥ କେରେଣ୍ଡାଟାଙ୍ଗି ବାସଭବନର ଉପରମହଲାରେ ବିଶ୍ରାମ କରୁଥିଲେ ସେ । ରାତି ପ୍ରାୟ ୧୨ଟା ବେଳକୁ ତଳମହଲାରେ ବିଶ୍ରାମ କରୁଥିବା ତତ୍କାଳୀନ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଗଙ୍ଗାଧର ମହାପାତ୍ରଙ୍କୁ ଡକାଇ ସେ ଏକଥା କହିଥିଲେ । ଈଶ୍ୱରବାବୁ ସେତେବେଳକୁ ଚାନ୍ଦପୁର ଯକ୍ଷ୍ମା ଚିକିତ୍ସାଳୟର ସୁପରିନ୍‌ଟେଣ୍ଡେଣ୍ଟ୍ । ମାତ୍ର ସେ ଖବର ପାଇ ପହଞ୍ଚିବା ବେଳକୁ ରାଜମାତାଙ୍କ ମହାପ୍ରୟାଣ ହୋଇସାରିଥିଲା । ଏହି ଦୁଃଖଦାୟକ ଘଟଣାର ବିସ୍ତୃତ ବିବରଣୀ ଲିପିବଦ୍ଧ ହୋଇଛି ୨୦୦୩ ମସିହାରେ ପ୍ରକାଶିତ ଗୌରୀଶ୍ୟାମ ପଟ୍ଟନାୟକଙ୍କର 'ଐତିହାସିକ ପୀଠ ରଣପୁର' ପୁସ୍ତକରେ ।

ଘଟଣାଟି ଯେତିକି ଉତ୍କଣ୍ଠାପୂର୍ଣ୍ଣ ସେତିକି ବେଦନାଦାୟକ । ୧୯୫୨ ଓ ୧୯୫୭ ନିର୍ବାଚନରେ ରଣପୁର ବିଧାନସଭା ଆସନରୁ ଜିଣି ରାଜ୍ୟର ପ୍ରଥମ ମହିଳା ମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିବା ରାଜମାତା ବସନ୍ତମଞ୍ଜରୀ ୧୯୬୧ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିନଥିଲେ । ସେଥର କଂଗ୍ରେସ ଦଳ ତରଫରୁ ପ୍ରାର୍ଥୀ ହୋଇଥିଲେ ରଘୁନାଥ ରାୟ ଏବଂ ତାଙ୍କ ବିରୋଧରେ ଥିଲେ କମ୍ୟୁନିଷ୍ଟ ଦଳର ରାମଚନ୍ଦ୍ର ରାମ । ଏହି ନିର୍ବାଚନରେ ରାଜ୍ୟରେ କଂଗ୍ରେସ ଦଳର ମଙ୍ଗ ଧରିଥାଆନ୍ତି ବିଜୁ ପଟ୍ଟନାୟକ । ତାଙ୍କ ନେତୃତ୍ୱରେ ସାରା ଓଡ଼ିଶାରେ କଂଗ୍ରେସ ଦଳ ଆଗରେ ଥିଲାବେଳେ ରଣପୁର ଆସନରେ କମ୍ୟୁନିଷ୍ଟ ଦଳର ବେଶ ପ୍ରଭାବ ଥିବା କାରଣରୁ ରାଜମାତା କଂଗ୍ରେସ ପ୍ରାର୍ଥୀ ରଘୁନାଥଙ୍କୁ ଜିତାଇବା ପାଇଁ ପ୍ରଚାରରେ ଦିନରାତି ଏକ କରିଦେଇଥାଆନ୍ତି ।



୧୯୬୧ର ଓଡ଼ିଶା ବିଧାନସଭା ନିର୍ବାଚନ ଜୁନ୍ ୨ରୁ ୮ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୭ ତାରିଖ ଦିନ ରଣପୁରରେ ଭୋଟଗ୍ରହଣ ହେବାକୁ ଥାଏ ଏବଂ ତା'ର ପୂର୍ବଦିନ, ୬ ତାରିଖ ସଂଧ୍ୟାରେ ରାଜମାତା ବ୍ରହ୍ମପୁର ଗସ୍ତରୁ ଫେରିଥିଲେ । ଗଙ୍ଗାଧର ମହାପାତ୍ର ଓ ଅନ୍ୟାନ୍ୟ କଂଗ୍ରେସ କର୍ମୀଙ୍କ ସହ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ସାରି ସେ ଉପରମହଲାକୁ ବିଶ୍ରାମ କରିବାକୁ ଯାଇଥିଲେ । ସେଦିନ ରାତିରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଲେ ଏବଂ ତାଙ୍କୁ ବଞ୍ଚାଇବା ପାଇଁ ଡାକ୍ତରମାନଙ୍କର ପ୍ରଚେଷ୍ଟା ସତ୍ତ୍ୱେ ପରଦିନ ଭୋଟ ଦେବାପାଇଁ ସେ ଜୀବିତ ନଥିଲେ । ସେତେବେଳେ କଟକରେ ଥିବା ତାଙ୍କର ପୁଅ ବ୍ରଜେନ୍ଦ୍ରଚନ୍ଦ୍ର ଓ ବୋହୂ ଦୁର୍ଗେଶନନ୍ଦିନୀ ରାଜାମାତାଙ୍କ ମୃତ୍ୟୁ ଖବର ପାଇ ରଣପୁର ପହଞ୍ଚିବା ପରେ, ୭ ତାରିଖ ଦିନ ପ୍ରାୟ ୧୨ଟା ବେଳେ ଶବ ଶୋଭାଯାତ୍ରା ଆରମ୍ଭ ହୋଇଥିଲା ରଣପୁର ଗଡ଼ରେ । ଭୋଟଦାତାମାନେ ଭୋଟ ଦେଉଥିବା ବେଳେ ଶ୍ମଶାନରେ ଜଳୁଥିଲା ରାଜମାତାଙ୍କ ଚିତା । ରଣପୁରର ହଜାର ହଜାର ଶୋକାକୁଳ ଜନତା ଶ୍ମଶାନଭୂଇଁକୁ ଚାଲି ଆସିଥିଲେ ସେମାନଙ୍କ ଆଦରର ରାଜମାତାଙ୍କ ଶେଷ ଦର୍ଶନ ପାଇଁ ।

ସେଥର ଭୋଟର ଫଳାଫଳ ମଧ ଥିଲା ଅଭୂତପୂର୍ବ । ରଣପୁର ମାଟି ଦେଖିଲା ରଣପୁର ଇତିହାସର ସବୁଠାରୁ ସଂଘର୍ଷପୂର୍ଣ୍ଣ ଲଢ଼େଇ। ସେଥିରେ କମ୍ୟୁନିଷ୍ଟ ପ୍ରାର୍ଥୀ ରାମଚନ୍ଦ୍ର ରାମ ମାତ୍ର ୫ ଖଣ୍ଡ ଭୋଟ ବ୍ୟବଧାନରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ମୋଟ ୨୮,୮୧୮ ବୈଧ ଭୋଟ ମଧ୍ୟରୁ ରାମଚନ୍ଦ୍ର ରାମ ୧୪,୦୫୩ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ଦଳର ରଘୁନାଥ ରାୟ ପାଇଥିଲେ ୧୪,୦୪୮ ଖଣ୍ଡ ଭୋଟ୍ ଏବଂ ଗଣତନ୍ତ୍ର ପରିଷଦ ପ୍ରାର୍ଥୀ ମଦନମୋହନ ଦାସ ପାଇଥିଲେ ୭୧୭ ଖଣ୍ଡ ଭୋଟ । ରଣପୁର ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ବସନ୍ତମଞ୍ଜରୀଙ୍କ ଶୋକସଭାରେ ରାମଚନ୍ଦ୍ର ରାମ ପ୍ରଚାର ସମୟରେ ରାଜମାତାଙ୍କୁ ଭେଟିଥିବା ବେଳର ଏକ ପ୍ରସଙ୍ଗ ବର୍ଣ୍ଣନା କରିଥିଲେ । ଗୋପାଳପୁରଠାରେ ରାମଚନ୍ଦ୍ରଙ୍କ ଜିପ୍‌କୁ ଦେଖି ରାଜମାତା କାର୍‌କୁ ବ୍ରେକ୍‌ରେ ରଖି ପଚାରିଥିଲେ, "କିରେ ରାମ, ତୁ କୁଆଡ଼େ ଯାଉଥିଲୁ ?" ରାମଚନ୍ଦ୍ର ପ୍ରତ୍ୟୁତ୍ତରରେ ପଚାରିଥିଲେ "ମାମା, ଆପଣ କୁଆଡ଼େ ଯାଉଥିଲେ ?" ରାଜମାତା କାର୍‌କୁ ଆଗେଇ ନେଲାବେଳେ ରାମଚନ୍ଦ୍ର ରାମଙ୍କୁ ସଫଳ ହେବା ପାଇଁ ଆଶୀର୍ବାଦ ଦେଇଥିଲେ - "ଆଇ ଉଇସ୍ ୟୁ ସକ୍‌ସେସ୍ ।" ତାଙ୍କର ଏହି ମାତୃସୁଲଭ ଆଶୀର୍ବାଦ ସଂଯୋଗକ୍ରମେ ସତ ହୋଇଯାଇଥିଲା।

'ରଘୁନାଥ' ଆଉ 'ରାମଚନ୍ଦ୍ର' ଉଭୟ ଶ୍ରୀରାମଚନ୍ଦ୍ରଙ୍କର ନାମ । ଏ ଦୁଇ ରାମଙ୍କ ମଧ୍ୟରେ ହୋଇଥିବା ଲଢ଼େଇରେ କମ୍ୟୁନିଷ୍ଟ ଦଳର ରାମଚନ୍ଦ୍ର ରାମ ବିଜୟୀ ହେଲେ ସତ, ମାତ୍ର ରଣପୁରବାସୀ ଭୁଲିପାରୁ ନଥିଲେ ସେମାନଙ୍କ ଆଦରର ରାଜମାତାଙ୍କୁ । ସେମାନଙ୍କର କାନରେ ପ୍ରତିଧ୍ୱନିତ ହେଉଥିଲା ରାଜମାତାଙ୍କ ଅନ୍ତିମ ଯାତ୍ରା ବେଳର ଶେଷ ଉଚ୍ଚାରଣ 'ରାମ ନାମ ସତ୍ୟ ହେ" ।

# ରାଜ—ରଣପୁର ରାଜ୍ୟର ରାଜଶାସନ କାଳ : ପ୍ରାଚୀନ ପ୍ରଶାସନ, ଧାର୍ମିକ ପରମ୍ପରା ଗଡ଼ ପ୍ରଜା ଜୀବନର ଯଥାର୍ଥ ଚିତ୍ର



ଚିତ୍ତରଞ୍ଜନ ଲାଲ (ମୁନା)

ଓଡ଼ିଶାର ପୂର୍ବତନ ନନ୍-ସାଲ୍ୟୁଟ୍ ଦେଶୀୟ ରାଜ୍ୟ ଭାବେ ପରିଚିତ ରାଜ୍-ରଣପୁର ରାଜ୍ୟ ତାହାର ରାଜଶାସନ କାଳରେ ପ୍ରାଚୀନ ପ୍ରଶାସନିକ ବ୍ୟବସ୍ଥା, କୃଷି ଆଧାରିତ ଅର୍ଥନୀତି ଓ ଧାର୍ମିକ ପରମ୍ପରା ପାଇଁ ପରିଚିତ ଥିଲା। ଏହି ଅଞ୍ଚଳର ସାମାଜିକ ଓ ଆର୍ଥିକ ଜୀବନ ଏକ ପକ୍ଷରେ ସ୍ୱାଧୀନତା ଓ ସମୃଦ୍ଧିର ପ୍ରତିଛବି ଦେଖାଉଥିଲେ, ଅନ୍ୟ ପକ୍ଷରେ ପ୍ରଜାମାନଙ୍କ ଉପରେ ଥିବା ଶୋଷଣର କଠୋର ରୂପକୁ ମଧ ପ୍ରକାଶ କରୁଥିଲା।

କୃଷି କ୍ଷେତ୍ରରେ ରାଜ୍ୟଟି ଧାନ, ଆଖୁ ମୁଗ, ବିରି ,ଚଣା ପନିପରିବା,ଆମ୍ବ ,ପଣସ ଭଳି ଫସଲରେ ପ୍ରାୟ ସ୍ୱୟଂପୂର୍ଣ୍ଣ ଥିଲା। କିନ୍ତୁ ଆଧୁନିକ ଜଳ ସେଚନ ବ୍ୟବସ୍ଥାର ଅଭାବ ଥିବାରୁ ମଝିରେ ମଝିରେ ମରୁଡ଼ି ସମସ୍ୟା ସୃଷ୍ଟି ହୋଇଥାଏ। ମଣିନାଗ ପାହାଡ଼ରୁ ଉତ୍ସର୍ଗିତ ଅନେକ ଝରଣା ଓ ପ୍ରାକୃତିକ ଜଳସ୍ରୋତ ରାଜ୍ୟର ପ୍ରାକୃତିକ ସମୃଦ୍ଧିକୁ ଅଧିକ ଶକ୍ତିଶାଳୀ କରିଥିଲା।

ପ୍ରଶାସନିକ ଦୃଷ୍ଟିକୋଣରୁ ରାଜ୍ୟର ମଧକେନ୍ଦ୍ର ଥିଲା ରାଜମହଲ। ଦରବାର ହଲ୍ ?ରେ ରାଜକାର୍ଯ୍ୟ, ନ୍ୟାୟ ଓ ରାଜସ୍ୱ ସମ୍ପର୍କିତ ନିଷ୍ପତ୍ତି ଗ୍ରହଣ କରାଯାଉଥିଲା। ଜମିର ଶ୍ରେଣୀକରଣ ଆଧାରରେ ଭୂମି ରାଜସ୍ୱ ନିର୍ଦ୍ଧାରିତ ହେଉଥିଲା ଏବଂ ୧୮୭୪-୭୫ ମସିହାରେ ରାଜ୍ୟର ମୋଟ ଆୟ ପ୍ରାୟ ୧୮ ହଜାର ଟଙ୍କା ଥିବା ରେକର୍ଡ ମିଳେ। ପୁଲିସ୍ ଓ ନ୍ୟାୟ ବିଭାଗ ରାଜ ପ୍ରଶାସନ ଅଧୀନରେ ଥିଲେ ମଧ, ପରେ ପ୍ରଜାମଣ୍ଡଳ ଆନ୍ଦୋଳନ ସମୟରେ ଏହି ବ୍ୟବସ୍ଥାକୁ ପ୍ରଜାବିରୋଧୀ ଓ ଶୋଷଣମୂଳକ ବୋଲି ଅଭିଯୋଗ କରାଯାଇଥିଲା।

**ରଣପୁର ଗଡ଼ ରାଜା ଶାସନର ସଂକ୍ଷିପ୍ତ ବିବରଣୀ**

ଧାର୍ମିକ କ୍ଷେତ୍ରରେ ରାଜ୍-ରଣପୁର ରାଜ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ମଣିନାଗ ଦୁର୍ଗା ମନ୍ଦିର ସହିତ ରାଜା ଉଦ୍ଧବ ସିଂହଙ୍କ ଦ୍ୱାରା ୧୩୨୪ ରୁ ୧୩୬୩ ଖ୍ରୀଷ୍ଟାବ୍ଦ ମଧ୍ୟରେ ନିର୍ମିତ ଜଗନ୍ନାଥ ମନ୍ଦିର ଆଜି ମଧ ଏହି ଅଞ୍ଚଳର ଧାର୍ମିକ ପରିଚୟ ଭାବେ ପରିଚିତ।

ତଥାପି, ରାଜଶାସନ କାଳର ସବୁଠୁ ବିବାଦୀୟ ପ୍ରଥା ଥିଲା 'ବେଠୀ' ପ୍ରଣାଳୀ। ଏହି ପ୍ରଥା ଅନୁଯାୟୀ ପ୍ରଜାମାନେ ବେତନ ବିନା ସଡ଼କ ନିର୍ମାଣ, ବନ୍ଧ ଓ ନଳା ଖନନ ଭଳି ସାର୍ବଜନୀନ କାମ ଗୁଡିକୁ କରୁ-ଥିଲେ। ଏହା ପ୍ରଜା ଅସନ୍ତୋଷର ମୂଳ କାରଣ ହୋଇଥିଲା ଏବଂ ଆଗାମୀ ଦିନରେ ଆନ୍ଦୋଳନର ଆକାର ନେଇଥିଲା।

ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟର ସୁବିଧା ଅତ୍ୟନ୍ତ ସୀମିତ ଥିଲା। କିଛି ପାଠଶାଳାରେ କେବଳ ବୁଣାକାମ ଭଳି ବ୍ୟବହାରିକ ପାଠ ପଢ଼ାଯାଉଥିଲା ଏବଂ ଚିକିତ୍ସା ସୁବିଧା ପ୍ରଧାନତଃ ରାଜ ପରିବାର ଓ ଉଚ୍ଚବର୍ଗ ପାଇଁ ସୀମିତ ଥିଲା।

ଆର୍ଥିକ ଦୃଷ୍ଟିରୁ ରାଜ୍-ରଣପୁର ଅଞ୍ଚଳ କାଜୁ ଚାଷ ଓ ସାଗୁଆନ କାଠ ପାଇଁ ପ୍ରସିଦ୍ଧ ଥିଲା। କାଲୁପାରା ଘାଟ ରେଳୱେ ଷ୍ଟେସନ୍ ନିକଟରେ ରାଜଧାନୀ (ରଣପୁର ଗଡ଼) ଅବସ୍ଥିତ ଥିବାରୁ ବ୍ୟାପାର ଓ ଯାତାୟାତରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ଉଭା ହୋଇଥିଲା। ରାଜ୍-ରଣପୁର ରାଜ୍ୟର ଇତିହାସ ଆଜି ଓଡ଼ିଶାର ଦେଶୀୟ ରାଜ୍ୟଗୁଡ଼ିକର ରାଜନୈତିକ, ସାମାଜିକ ଓ ଆର୍ଥିକ ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ ଭାବେ ଦୃଷ୍ଟିଗୋଚର ହୁଏ।



ରଣପୁର ଗଡ଼, ଦାଣ୍ଡସାହି
ମୋବାଇଲ :୯୪୩୭୨୨୮୮୫୬

# ରଣପୁରକୁ ସର୍ବାଗ୍ରେ ପରିଚିତ କରିଥିବା ଜାତିସମୂହ



ସୁରେଶ ଚନ୍ଦ୍ର ମହାରଣା

**ନୀଳମାଧବ ନୀଳକନ୍ଦରରୁ ଅନ୍ତର୍ଦ୍ଧାନ ହେବା ପରେ ଚକାଶୀଳା ସିଂହାସନକୁ ବିଶ୍ୱାବସୁଙ୍କ ସାନଭାଇ ବିଶ୍ୱବାସବ ରଣପୁର ନେଇଆସିଥିଲେ । ପରେ ଉକ୍ତ ଚକାଶୀଳାକୁ ମଣିନାଗ ଦୁର୍ଗାଙ୍କ ବୀଜମନ୍ତ୍ରରେ ଖୋଦିତ କରି ମଣିନାଗଙ୍କୁ ସ୍ଥାପନା କରିବା ପରେ ରଣପୁରର ରାଜ୍ୟ ଆରମ୍ଭ ହୁଏ । ଏଥିସହ ବିଶ୍ୱବାସବ ହେଲେ ରଣରପୁର ରାଜ୍ୟର ପ୍ରଥମ ରାଜା । ଏହା ଖ୍ରୀ.ପୂ. ୧୭୨୭ ମସିହାର କଥା । ପରେ ଏହି ରାଜବଂଶର ୯୨ତମ ରାଜା ଉଦ୍ଧବ ନରେନ୍ଦ୍ର, ମାଧବ ମୂର୍ତ୍ତିଙ୍କୁ ରଣପୁର ଆଣିବା ପରେ ରାଜା ସାରଙ୍ଗଧର ନରେନ୍ଦ୍ର ୧୭୫୪ ଖ୍ରୀଷ୍ଟାବ୍ଦରେ ଚତୁର୍ଦ୍ଧା ମୂର୍ତ୍ତି ସ୍ଥାପନ କରି ରଥଯାତ୍ରା ପ୍ରଚଳନ କରିଥିଲେ । ରଣପୁର ରାଜ୍ୟ ପ୍ରତିଷ୍ଠା ପରେ ସାମାଜିକ ଚାଲିଚଳନରେ ସୁଧାର ଆଣିବା ପାଇଁ ବିଭିନ୍ନ ଜାତି ତଥା ସମ୍ପ୍ରଦାୟଙ୍କୁ ଖଞ୍ଜିଥିଲେ । ସେମାନଙ୍କ ମଧ୍ୟରୁ ଅନ୍ୟତମ କେତେକ ସବାୟତଙ୍କ କାର୍ଯ୍ୟ ନିମ୍ନରେ ପ୍ରଦତ୍ତ ।**

**ବ୍ରାହ୍ମଣ :** ଜଗନ୍ନାଥଙ୍କ ସେବା ପୂଜା ପାଇଁ ପୂଜାପଣ୍ଡା, ପତ୍ରି, ପଢ଼ିଆରୀ, ସୁଆର ଆଦି ସେବାୟତ ଖଞ୍ଜା ସହ ମହାପ୍ରଭୁଙ୍କ ସେବା ଯୋଗାଇ ଦେଉଛନ୍ତି । ଏମାନଙ୍କ ମଧ୍ୟରୁ ସୁଆର ସେବାୟତ ମନ୍ଦିରର ସମସ୍ତ କାର୍ଯ୍ୟ ସୁରୁଖୁରୁରେ କରିବା ସହ ରଣପୁର ବାହାରେ ମଧ ବିବାହ, ବ୍ରତଘର ଇତ୍ୟାଦିରେ ରୋଷେଇ କରି ଉଚ୍ଚପ୍ରଶଂସା ସାଉଁଟିଛନ୍ତି । ବିଶେଷକରି ରଣପୁର ରୋଷେୟାଙ୍କ ସାହଳଘାଣ୍ଟ ଓଡ଼ିଶାର ଅନନ୍ୟ । ଏଥିସହ ମନ୍ଦିର ବାହାରେ ଥିବା ଶାସନୀ ବ୍ରାହ୍ମଣଙ୍କ ଚାହିଦା ମଧ ବେଶ୍ ରହିଛି । ଏହି ଶାସନୀ ବ୍ରାହ୍ମଣମାନେ ରଣପୁର ବାହାରେ ମଧ ଯଜ୍ଞ ଅନୁଷ୍ଠାନାଦି କାର୍ଯ୍ୟ ପାଇଁ ବ୍ରାହ୍ମଣ ସମାଜ ବେଶ୍ ସମ୍ମାନିତ ।

**ବଢ଼େଇ :** ରଣପୁର ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ତିନିଥର ନିର୍ମାଣ ସହ ବିଭିନ୍ନ ପରମ୍ପରାଗତ କାଠ ଜିନିଷ ନିର୍ମାଣରେ ଏମାନେ ଖୁବ୍ ସିଦ୍ଧହସ୍ତ । ଏଥିସହ ବଢ଼େଇମାନେ ପଥରର କାରୁକାର୍ଯ୍ୟରେ ମଧ ନିଜକୁ ବେଶ୍ ସକ୍ରିୟ ରଖିଛନ୍ତି । ଆଜି ବି ଅନେକେ ଏହାକୁ ନିଜର ବେଉସା ଭାବେ ଆପଣାଇ ନେଇଛନ୍ତି । ଅତୀତରେ ରଣପୁର ବଢ଼େଇମାନଙ୍କ କାରିଗରୀର ନମୂନା ରଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖର ସିଂହ, ମହାପ୍ରଭୁଙ୍କ ସ୍ନାନବେଦୀ, ବାଙ୍କୋଇର ବାସୁଆ ବଳଦ, ବୁଗୁଡ଼ାର ବିରଞ୍ଚି ନାରାୟଣ ମୂର୍ତ୍ତି ଏବଂ ଭୁବନେଶ୍ୱରର ଅନନ୍ତ ବାସୁଦେବଙ୍କ ମୂର୍ତ୍ତି ନିର୍ମାଣ କରି ଚିରକାଳ ସମସ୍ତଙ୍କ ହୃଦୟରେ ରହିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଏତଦ୍‌ଭିନ୍ନ ରଣପୁରର ବଢ଼େଇମାନେ ରଥ ନିର୍ମାଣରେ ଓଡ଼ିଶା ତଥା ଓଡ଼ିଶା ବାହାରେ ଯଥା ଉତ୍ତରାଖଣ୍ଡର ଡେରାଡୁନ୍ ଏବଂ ଓଡ଼ିଶାର ମାଲକାନଗିରିର କାଲିମେଳା, ଖୋର୍ଦ୍ଧାର ଭୁଷଣ୍ଡପୁର ଏବଂ ମାଣିଆବନ୍ଧରେ ମଧ ରଥ ନିର୍ମାଣ କରି ପ୍ରଶଂସା ସାଉଁଟିଛନ୍ତି ।

**କମାର :** ରଥ ନିର୍ମାଣରେ କଣ୍ଟା ପ୍ରସ୍ତୁତିରେ କମାରମାନଙ୍କ ମୁଖ୍ୟ ଦାୟିତ୍ୱ ଥାଏ । ଏଥିସହ ଅନ୍ୟ ସମୟରେ ଏହି କମାର ସେବକମାନେ ବନ୍ଧୁକ ନିର୍ମାଣ ଏବଂ ଗୁଆକାଟି ତିଆରି କରିବାରେ ବେଶ୍ ସିଦ୍ଧହସ୍ତ ଥିଲେ, ଯାହା ରଣପୁର ତଥା ଅନ୍ୟାନ୍ୟ ଅଞ୍ଚଳରେ ଏହାର ଅନେକ ଚାହିଦା ଥିଲା ।

**ପାଟରା :** ମହାପ୍ରଭୁ ଜଗନ୍ନାଥଙ୍କ ଅଙ୍ଗଲାଗି ବସ୍ତ୍ର ପାଇଁ ପାଟରା ସେବାୟତ ନିୟୋଜିତ ହୋଇଛନ୍ତି । ମୁଖ୍ୟତଃ ଏହି ପାଟରା ସେବକମାନେ ମହାପ୍ରଭୁ ପାଟବସ୍ତ୍ର, ରଥପାଇଁ ରଥକନା (ମଣ୍ଡଣି), ଦୋଳମଣ୍ଡଣି ଇତ୍ୟାଦି ପ୍ରସ୍ତୁତ କରିବାରେ ଥିଲେ ବେଶ୍ ସିଦ୍ଧହସ୍ତ । ଏହି ସେବା ବାଦ୍ ପାଟରା ସେବକମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନାଲି ଗାମୁଛା ବେଶ୍ ଆଦର ଲାଭ କରିଛି । ଯାହା ଆଜି ବି ମଣିନାଗ ସୋସାଇଟିରେ ଏହି ନାଲି ଗାମୁଛା ବିକ୍ରି ହେଉଛି ।

**ଚିତ୍ରକର :** ଜଗନ୍ନାଥଙ୍କ ବନକ ଲାଗି (ଅଙ୍ଗଲାଗି) ପାଇଁ ଚିତ୍ରକର ସେବକ ନିୟୋଜିତ ହୋଇଛନ୍ତି । କୁହାଯାଏ, ରଣପୁରର ଚିତ୍ରକର ସେବକ ତାଳଧ୍ୱଜ ମହାପାତ୍ର ସାକ୍ଷୀଗୋପାଳଙ୍କ ମୂର୍ତ୍ତିର କାଣି ଆଙ୍ଗୁଠି ସଜାଡୁ ସଜାଡୁ ଆଙ୍ଗୁଠିଟି ଟିକେ ବଡ଼ ହୋଇଯାଇଥିଲା । ପରେ ମହାପ୍ରଭୁଙ୍କ ସ୍ୱପ୍ନାଦେଶ ପାଇଁ ରାଜା ତାଳଧ୍ୱଜ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ସାକ୍ଷୀଗୋପାଳଙ୍କ କାଣି ଆଙ୍ଗୁଠିଟି ଠିକ୍ କରିଦେବା ପାଇଁ । ମାତ୍ର ତାଳଧ୍ୱଜ ଯେତେବେଳେ ନିହଣ, ମୁଗୁର ଦ୍ୱାରା କାଣି ଆଙ୍ଗୁଠିଟିକୁ ସଜାଡ଼ିବାକୁ ଯାଇଛନ୍ତି ସେତେବେଳେ ସାକ୍ଷୀଗପୋଳଙ୍କ ଆଙ୍ଗୁଠିରୁ ରକ୍ତ ଝରିଥିଲା । ଫଳରେ ଆଜିପର୍ଯ୍ୟନ୍ତ ସାକ୍ଷୀଗୋପାଳଙ୍କ କାଣି ଆଙ୍ଗୁଠିଟି ସେମିତି ବଡ଼ ହୋଇ ରହିଛି । ତାଳଧ୍ୱଜ ମହାପାତ୍ର (ଚିତ୍ରକର) ହେଉଛନ୍ତି ବର୍ତ୍ତମାନ ଠାରୁ ୧୫ ପିଢ଼ି ପୂର୍ବର ।

**ଗୁଡ଼ିଆ :** ଜଗନ୍ନାଥଙ୍କ ନୀତିକାନ୍ତିରେ ବ୍ୟବହୃତ ସୁଖିଲି ଭୋଗ ପାଇଁ ଗୁଡ଼ିଆ ଖଞ୍ଜା ହୋଇଛନ୍ତି । ରଣପୁର ଗୁଡ଼ିଆଙ୍କ ଦ୍ୱାରା ପ୍ରସ୍ତୁତ ବଡ଼ସିଂହାର ଖଜା, ବଲ୍ଲଭ ମୁଆଁ, ଡାଳମୁଆଁ ହେଉଛି ପ୍ରସିଦ୍ଧ । ଏଥିସହ ମୁଦାଖଜା ମଧ ରଣପୁର ମନ୍ଦିରର ଅନ୍ୟ ଏକ ପ୍ରସିଦ୍ଧ ଖଜା।

**ବଣିଆ :** ମହାପ୍ରଭୁଙ୍କ ଅଳଙ୍କାର ସେବା ପାଇଁ ବଣିଆ ସମ୍ପ୍ରଦାୟ ଖଞ୍ଜା ହୋଇଛି । ଲୋକେ କୁହନ୍ତି, ଦାଣ୍ଡସାହିର ଜଣେ ବଣିଆ ମାଛି ଗୋଡ଼କୁ ବାନ୍ଧିବା ପାଇଁ ଏକ ଶିକୁଳି ତିଆରି କରିଥିଲେ । ସୁଆଁସିଆଁ ସାହିର ବଲ୍ଲଭ ପୃଷ୍ଟି କାଳୀୟ ଦଳନ ରାସରେ ବ୍ୟବହୃତ କାଳୀୟ ସର୍ପର କାରିଗରୀ ଶୈଳୀ ଏପରି ଥିଲା ଯାହା ଗୋଟିଏ ସାପରୁ ଆପେ ଆପେ ୭ଟି ଫଣାରେ ପରିଣତ ହେଉଥିଲା । ଏଥିପାଇଁ ରଣପୁର ଅଞ୍ଚଳର କାଳୀୟ ଦଳନ ରାସ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା । କାଳକ୍ରମେ ଏହି କଳା ଧୀରେ ଲୋପ ପାଇଗଲା ।

**ବେତରା :** ମହାପ୍ରଭୁଙ୍କ ପାରମ୍ପରିକ ସେବା ପାଇଁ ବେତରା କାରିଗର ନିୟୋଜିତ ହୋଇଛନ୍ତି । ରଣପୁର ଅଞ୍ଚଳର ବେତରାମାନେ ବୋଝ, ବାଉଁସିଆ, ନଉତି, ମାଣ, ପେଟରା ତିଆରି କରି ଏହି ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଛନ୍ତି ।

**କୁମ୍ଭାର :** ମହାପ୍ରଭୁଙ୍କ ପ୍ରତ୍ୟେକ କାର୍ଯ୍ୟରେ ମାଟିପାତ୍ର ବ୍ୟବହାର ହୋଇଥାଏ । ଏଥିପାଇଁ କୁମ୍ଭାର ସେବକ ଖଞ୍ଜା ହୋଇଛନ୍ତି । ରଣପୁର ଅଞ୍ଚଳର କୁମ୍ଭାର ସମ୍ପ୍ରଦାୟ ମହାପ୍ରଭୁଙ୍କ ପାଇଁ ପରମ୍ପରାଗତ ପାତ୍ର ନିର୍ମାଣ ସହ ବର୍ତ୍ତମାନର ଟେରାକୋଟା ଜିନିଷ ନିର୍ମାଣ କରି ବିଭିନ୍ନ ମେଳା ଉତ୍ସବରେ ସମ୍ମାନିତ ହୋଇଛନ୍ତି ।

**ଦରଜୀ :** ମହାପ୍ରଭୁଙ୍କ ସେନାପଟା ସେବା ପାଇଁ ଦରଜୀ କାରିଗର ନିୟୋଜିତ ହୋଇଛନ୍ତି । ଏମାନେ ରଥମଣ୍ଡଣି ସହ ଚାନ୍ଦୁଆ ତିଆରିରେ ପ୍ରସିଦ୍ଧି ଲାଭ କରିଛନ୍ତି ।

ରଣପୁର
ମୋବାଇଲ୍ : ୯୭୭୭୦୬୪୯୯୮

# ଶ୍ରୀକ୍ଷେତ୍ର ଓ ଦ୍ୱିତୀୟ ଶ୍ରୀକ୍ଷେତ୍ର

**ସତ୍ୟବାଦୀ ବଳିଆରସିଂହ**


ଗଜପତି ପ୍ରତାପରୁଦ୍ରଦେବଙ୍କ (ଖ୍ରୀ ୧୪୯୭-୧୫୪୦) ରାଜତ୍ୱରେ ରଣପୁରରେ ଜଣେ ରାଜା ଥିଲେ ଉଦ୍ଧବ ସିଂ ନରେନ୍ଦ୍ର (ଖ୍ରୀ ୧୪୯୪ରୁ ୧୫୧୭)। ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ଭକ୍ତ ଉଦ୍ଧବଙ୍କ ଭଳି କଳି ଯୁଗରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭକ୍ତ ଥିଲେ ରଣପୁର ରାଜା ଉଦ୍ଧବ।

କପିଳ ସଂହିତା, ଶ୍ରୀକ୍ଷେତ୍ର ମହାତ୍ମ୍ୟ ଓ ସ୍କନ୍ଧ ପୁରାଣ ଆଦିରେ ବର୍ଣ୍ଣିତ ଓଡ଼ିଶାର ପ୍ରାଚୀନତମ ଗଡ଼ଜାତ ରଣପୁର ଦ୍ୱିତୀୟ ଶ୍ରୀକ୍ଷେତ୍ର ବା ବିଷ୍ଣୁକ୍ଷେତ୍ର ରୂପେ ବର୍ଣ୍ଣିତ। ଏହି ରାଜବଂଶ ସହିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ସମ୍ପର୍କ ନିବିଡ଼ ଥିଲା। ତାହା ଥିଲା ଭକ୍ତ ଓ ଭଗବାନଙ୍କର ସମ୍ପର୍କ। ଏହି ବଂଶର ପୂର୍ବଜ ବିଶ୍ୱାବସୁ କଂଟିଲୋ ଠାରେ ଶ୍ରୀ ନୀଳମାଧବଙ୍କୁ ପୂଜା କରୁଥିଲେ। ପ୍ରଭୁ ସେଠାରୁ ଅନ୍ତର୍ଦ୍ଧାନ ହେବା ପରେ ଭକ୍ତ ବିଶ୍ୱାବସୁଙ୍କୁ ସ୍ୱପ୍ନାଦେଶ ଦେଇଥିଲେ ସେ ଏବଂ ତା'ର ଦୟାଦମାନେ ଶ୍ରୀ କ୍ଷେତ୍ରରେ ଶ୍ରୀ ଜଗନ୍ନାଥଙ୍କୁ ପୂଜା କରିବେ ଏବଂ ତା'ର ଭାଇ ବିଶ୍ୱବାସବ ଶ୍ରୀ ନୀଳମାଧବ ପୂଜା ପାଉଥିବା ଆସ୍ଥାନ ଚକାଶିଳାକୁ ନେଇ ପୂଜା କରିବ ଏବଂ ରଣାସୁରପୁର (ରଣପୁର)ରେ ରାଜୁତି କରିବ। ସେତେବେଳେ ରଣପୁର ରାଜ୍ୟର ସୀମା ଉତ୍ତରରେ କଂଟିଲୋ ନୀଳମାଧବ କ୍ଷେତ୍ର ଓ ବାଂକୀ ପର୍ଯ୍ୟନ୍ତ, ଦକ୍ଷିଣରେ ବୋଇତିଆ ପାହାଡ଼, ପଶ୍ଚିମରେ କୁସୁମୀ ନଦୀ ଏବଂ ପୂର୍ବରେ ଦୟାନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ସେତେବେଳେ ରଣପୁର ଠାରୁ ପୁରୀର ଦୂରତା ପ୍ରାୟ ୮୦ କି.ମି। ଏହି ରାସ୍ତାରେ ଯାତାୟତ ପାଇଁ ସଡ଼କ କିମ୍ବା ଆଧୁନିକ ଯୁଗର ଯାନବାହାନର ସୁବିଧା ନଥିଲା। ରାଜା ଓ ମହାରାଜାମାନଙ୍କର ବାହନ ରୂପେ କେବଳ ଅଶ୍ୱ ଓ ହସ୍ତୀ ବ୍ୟବହାର ହେଉଥିଲା। ନିକଟସ୍ଥାନକୁ ଯାତାୟତ ପାଇଁ ପାଲିଙ୍କିର ବ୍ୟବହାର ପ୍ରଚଳନ ଥିଲା।

ଜଗନ୍ନାଥଙ୍କ ପରମ ଭକ୍ତ ରାଜା ଉଦ୍ଧବ ପ୍ରତିମାସରେ ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ସମୟରେ ଅଶ୍ୱପୃଷ୍ଠରେ ବସି ଶ୍ରୀକ୍ଷେତ୍ର ଅଭିମୁଖେ ପୁରୀ ଯାତ୍ରା କରୁଥିଲେ। ରଣପୁରରୁ ଯାଇଥିବା ଅଶ୍ୱଟି ପଥ ମଧ୍ୟରେ ଜଙ୍କିଆ ଗଡ଼ସାହିଠାରେ ବିଶ୍ରାମ ନେଉଥିଲା। ସେତେବେଳେ ଜଙ୍କିଆ ଗଡ଼ସାହି ରଣପୁର ରାଜ୍ୟର ପୂର୍ବଦିଗ ସୀମାଥିଲା, ସେଠାରେ ଥିବା ଅଶ୍ୱଶାଳରୁ ଅନ୍ୟ ଏକ ଅଶ୍ୱ ଧରି ଶ୍ରୀକ୍ଷେତ୍ର ଯାତ୍ରା କରୁଥିଲେ। ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ସମାପ୍ତ କରି ପୁରୀରେ ଥିବା ରଣପୁର କୋଠୀରୁ ଅନ୍ୟ ଏକ ଅଶ୍ୱରେ ଜଙ୍କିଆ ଗଡ଼ସାହି ପର୍ଯ୍ୟନ୍ତ ଫେରୁଥିଲେ। ଏକଦା ନଦୀ ବଢି ହେବାରୁ ସେ ପୁରୀ ଯାଇପାରିଲେ ନାହିଁ। ଏଣୁ ଭକ୍ତ ଉଦ୍ଧବ ଦୁଃଖରେ ଭାଙ୍ଗି ପଡ଼ିଲେ। ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ ନ କଲେ ସେ ଭୋଜନ କରନ୍ତି ନାହିଁ। ଏଣୁ ସେଦିନ ବି ସେ ଉପବାସରେ ରହିଲେ। ତା'ପର ଦିନ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ଅନ୍ନ ଜଳ ସ୍ପର୍ଶ ନ କରି କଳ୍ପବଟ ମୂଳେ ସାତଦିନ ପର୍ଯ୍ୟନ୍ତ ଅଧିଆ (ଗୁହାରିଆ) ପଡ଼ିଲେ। ଭକ୍ତର ଭଗବାନ ଶ୍ରୀ ଜଗନ୍ନାଥ ଭକ୍ତର କାତର ନିବେଦନ ଶୁଣିଲେ। ଭକ୍ତ ରାଜା ଉଦ୍ଧବଙ୍କୁ ପ୍ରଭୁ ଜଗନ୍ନାଥଙ୍କର ଦୈବବାଣୀ ହେଲା ଶ୍ରୀ ଜଗନ୍ନାଥଙ୍କର ଷୋହଳ କଳାରୁ ଏକକଳା ରଣପୁର ଯିବ। ରାଜା ସେଠାରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରି ପୂଜା ଆରାଧନା କରିବେ। ଗଜପତି ପ୍ରତାପରୁଦ୍ର ଦେବଙ୍କୁ ମଧ୍ୟ ଏହି ସ୍ୱପ୍ନାଦେଶ ହେଲା। ଫଳରେ ଗଜପତି ପ୍ରତାପରୁଦ୍ର ଦେବ ବାରବାଟୀ କଟକରୁ ହସ୍ତୀପୃଷ୍ଠରେ ଆସି ଭକ୍ତ ଉଦ୍ଧବଙ୍କୁ ଶ୍ରୀମନ୍ଦିର ମଧ୍ୟରୁ ଆଲିଙ୍ଗନ କରି କାଳିକା ଦେବୀ ସାହିସ୍ଥ ନଅରକୁ ପାଛୋଟି ଆଣିଲେ ଓ ତାଙ୍କ ଶିରରେ ଶାଢି ବାନ୍ଧି ନରେନ୍ଦ୍ର ଉପାଧି ପ୍ରଦାନ କଲେ। ତତ୍ପରେ ଗଜପତି ଶ୍ରୀ ଜଗନ୍ନାଥଙ୍କ ଜନ୍ମବେଦୀ ଗୁଣ୍ଡିଚା ଘରେ ଥିବା ମାଧବ ମୂର୍ତ୍ତିଙ୍କୁ ରାଜା ଉଦ୍ଧବଙ୍କୁ ପ୍ରଦାନ କଲେ। ଏହି ମାଧବ ମୂର୍ତ୍ତି ରଣପୁରର ପରବର୍ତ୍ତୀ ରାଜା ଶାରଙ୍ଗଧର ବଜ୍ରଧର ନରେନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ସ୍ଥାନାନ୍ତରିତ ହୋଇ ଚମ୍ପାଗଡ଼ରେ ପୂଜା ପାଉଛନ୍ତି। ଶୁଣାଯାଏ ଏହି ମାଧବ ମୂର୍ତ୍ତିଙ୍କୁ ଇନ୍ଦ୍ର ଦ୍ୟୁମ୍ନ ମହାରାଜା ସପ୍ତଦାରୁରେ ପ୍ରତିଷ୍ଠା କରି ଗୁଣ୍ଡିଚ୍ଚା ଘରେ ସ୍ଥାପନ କରିଥିଲେ।

ଭକ୍ତ ରାଜା ଉଦ୍ଧବ ନରେନ୍ଦ୍ର ରଣପୁର ଗଡ଼ରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଶ୍ରୀ ୧୫୦୧ ଓ ୧୫୦୨ ମଧ୍ୟରେ ତୋଳାଇ ଥିଲେ। ଶ୍ରୀଜଗନ୍ନାଥଙ୍କ ଷୋହଳ କଳାରୁ ଏକ କଳା ରଣପୁର ଆସିଥିବାରୁ ଶ୍ରୀ ମନ୍ଦିରର ସମସ୍ତ ପୂଜା ବିଧିମାନ କରାଗଲା। ସେବାପୂଜା ପାଇଁ ଛତିଶା ନିଯୋଗ ବ୍ୟବସ୍ଥା କରାଗଲା। ପ୍ରତ୍ୟେକ ଦିନ ମଙ୍ଗଳ ଆରତି, ଅବକାଶ, ବାହାର ପୂଜା, ମଧ୍ୟାହ୍ନ ଭୋଜନ ବେଢା ଦର୍ଶନ, ସନ୍ଧ୍ୟା ଆଳତି, ରାତିରେ ଅନ୍ନଭୋଗ, ପହଡ଼, ବିଜେ କରାଯାଇଥାଏ। ମହାପ୍ରଭୁଙ୍କର ବିଭିନ୍ନ ବେଶ ପୁରୀ ଶ୍ରୀମନ୍ଦିର ପ୍ରଥା ଅନୁଯାୟୀ ଏଠାରେ କରାଯାଇଥାଏ। ଶ୍ରୀମନ୍ଦିରରେ ହେଉଥିବା ସମସ୍ତ ପର୍ବପର୍ବାଣି ଏଠାରେ ପାଳନ କରାଯାଏ। ରଣପୁରରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠାପରେ ମା' ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଆବଶ୍ୟକ ହେଲା। ଏଣୁ ଭକ୍ତରାଜା ଉଦ୍ଧବ ନରେନ୍ଦ୍ର ଶ୍ରୀକ୍ଷେତ୍ର ଯାଇ ମହାଲକ୍ଷ୍ମୀଙ୍କ ପାଖରେ ଅଧିଆ (ଗୁହାରିଆ) ପଡ଼ିଲେ। କିମ୍ବଦନ୍ତୀ ଅଛି ଯେ, ଜଗତ ଜନନୀ ମହାଲକ୍ଷ୍ମୀ ରାଜାଙ୍କ ଭକ୍ତିରେ ପ୍ରସନ୍ନ ହୋଇ ରଣପୁର ଆଗମନ କରିବେ ବୋଲି ଆଦେଶ ଦେଲେ। ଏହାପରେ ରଣପୁର ଜଗନ୍ନାଥ ମନ୍ଦିରରେ ମହାଲକ୍ଷ୍ମୀଙ୍କ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା। ଦେବୀ ମହାଲକ୍ଷ୍ମୀ ରାଜା ଉଦ୍ଧବଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ବର ଦେଇଥିଲେ ଯେ, ପ୍ରତିବର୍ଷ ମାଘ ପୂର୍ଣ୍ଣମୀ ରାତ୍ରକୁ ଏକ କ୍ଷୁଦ୍ର ଶକଟରେ ସାତଗୋଟି ସ୍ୱର୍ଣ୍ଣ ନିର୍ମିତ କାକରା ପିଠା ରାଜାଙ୍କ ନଅରକୁ ଆସିବ। ରାଜ ପରିବାର ପ୍ରତିବର୍ଷ ମାଘ ପୂର୍ଣ୍ଣମୀ ଦିନ ଅତି ନିଷ୍ଠାର ସହ ଧନଦାତ୍ରୀ ଦେବୀ ମହାଲକ୍ଷ୍ମୀଙ୍କ ଆରାଧନା କରି ସୁବର୍ଣ୍ଣ କାକରା ପାଇଥାନ୍ତି। ଫଳରେ ରାଜଭଣ୍ଡାର ଧନଧାନ୍ୟରେ ପରିପୂର୍ଣ୍ଣ ଥିଲା। ଏହି ବିଧି ଉଦ୍ଧବ ନରେନ୍ଦ୍ରଙ୍କ ପରେ ଚନ୍ଦ୍ରଶେଖର ନରେନ୍ଦ୍ର, ମୁକୁନ୍ଦ ନରେନ୍ଦ୍ର ଓ ରାମଚନ୍ଦ୍ର ନରେନ୍ଦ୍ରଙ୍କ ପର୍ଯ୍ୟନ୍ତ ନିଷ୍ଠାର ସହ ପାଳିତ ହୋଇଥିଲା ଓ ପ୍ରତିବର୍ଷ ସାତଗୋଟି ସ୍ୱର୍ଣ୍ଣ କାକରା ରାଜ ନଅରକୁ ମାଘ ପୂର୍ଣ୍ଣମୀ ରାତିରେ ଆସୁଥିଲା। ପରବର୍ତ୍ତୀ ରାଜାଙ୍କ ସମୟରେ ପୂଜାବିଧିରେ ନିଷ୍ଠାର ଅଭାବହେବାରୁ ସୁନା କାକରା ଆସିବା ବନ୍ଦ ହୋଇଯାଇଥିବା ରଣପୁର ଇତିହାସ ତଥା ରଣପୁର ରାଜା ବଂଶାବଳୀ ଇତିହାସରୁ ଏହା ଜଣାପଡ଼େ।

ରଣପୁରର ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପ୍ରସଙ୍ଗ ଆସିଲେ ଭକ୍ତ ଉଦ୍ଧବ ନରେନ୍ଦ୍ରଙ୍କ ଶ୍ରୀ ଜଗନ୍ନାଥ ଓ ଶ୍ରୀ ମହାଲକ୍ଷ୍ମୀଙ୍କ ନିକଟରେ ଅଧିଆ ପଡ଼ିବା ଏବଂ ତାଙ୍କର ସ୍ୱପ୍ନାଦେଶ ବଳରେ ରଣପୁରରେ ମନ୍ଦିର ନିର୍ମାଣ ହେବାରୁ ରଣପୁରର ପରମ୍ପରା ଓ ଇତିହାସ ବେଶ୍ ସମୃଦ୍ଧ ବୋଲି ଜଣାପଡ଼େ। ଶ୍ରୀ ଅର୍ଥାତ୍ ଲକ୍ଷ୍ମୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ବିରାଜମାନ ହେତୁ କ୍ଷେତ୍ରର ନାମ ହୋଇଛି ଶ୍ରୀକ୍ଷେତ୍ର। ଉଭୟ ପ୍ରଭୁ ଜଗନ୍ନାଥ ଓ ଶ୍ରୀ ଅର୍ଥାତ୍ ମହାଲକ୍ଷ୍ମୀଙ୍କ ନିକଟରେ ଭକ୍ତ ଉଦ୍ଧବ ୭ଦିନ ଲେଖାଏଁ ଉପବାସ ରହି ଅଧିଆ ପଡ଼ିବାରୁ ଏବଂ ଭକ୍ତର କାତର ନିବେଦନରେ ଉଭୟ ଠାକୁର ସନ୍ତୁଷ୍ଟ ହୋଇ ରଣପୁରରେ ପ୍ରତିଷ୍ଠା ଲାଭ କରିଥିବାରୁ ରଣପୁରକୁ କୁହାଗଲା ଦ୍ୱିତୀୟ ଶ୍ରୀକ୍ଷେତ୍ର। ରଣପୁର ମଣିନାଗ ପର୍ବତର ଦକ୍ଷିଣ ପଶ୍ଚିମ କୋଣରେ ଥିବା ଦୁଇଟି ଉତ୍ତୁଙ୍ଗ ପର୍ବତକୁ କୁହାଗଲା ଧାନୀ ଓ ଗୌଣିଆ। ଏଠାରେ ଲୋକଙ୍କ ବିଶ୍ୱାସ ଧାନୀ ପର୍ବତ ହେଉଛି ମହାଲକ୍ଷ୍ମୀଙ୍କର ଧାନ ଘର ଏବଂ ତା'




ନିକଟରେ ଥିବା ଗୌଣିଆ ପର୍ବତ ହେଉଛି (ଗୌଣୀ ସଦୃଶ) ଧାନ ମାପିବା ଏକ ପରିମାପକ ଯାହାକୁ ଗୌଣୀ ବା ନଉତି କୁହାଯାଏ। ଏହି ପ୍ରାକୃତିକ ମନୋରମ ଗୌଣିଆ ପର୍ବତକୁ ଲକ୍ଷ୍ୟ କରି କବିବର ରାଧାନାଥ ରାୟ ଚିଲିକା କାବ୍ୟରେ ଲେଖିଛନ୍ତି- "ନୀରନ୍ଧ ନିବିଡ଼ କିଚକ ବଣିଆ, ଅଭ୍ରଙ୍କ ଶିଖରେ ଗିରି ଗୌଣିଆ"। ପୁରୀ ଶ୍ରୀ ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଯେପରି କଳିଙ୍ଗ ସାଗର ବା ବଙ୍ଗୋପ ସାଗର ରହିଛି ରଣପୁର ଶ୍ରୀ ଜଗନ୍ନାଥ ମନ୍ଦିରର ଦକ୍ଷିଣ ଦିଗରେ ଦୁଇ କି.ମି. ଦୂରତାରେ ରହିଛି ଏକ ବିରାଟ ପୁଷ୍କରିଣୀ ଯାହାର ନାମ ସାଗର। ପୁରୀରେ ପଞ୍ଚ ମହାଦେବ ଥିବା ବେଳେ ରଣପୁର ଗଡ଼ରେ ମଧ୍ୟ ପଞ୍ଚ ମହାଦେବ ଅଛନ୍ତି। ପୁରୀରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଓ ସମସ୍ତ ଯାତ୍ରାକୁ ସାମଞ୍ଜସ୍ୟ ରଖି ରଣପୁରରେ ତାହା ପାଳନ କରାଯାଉଛି। ରଣପୁର ଗଡ଼ ପରେ ଓଡ଼ିଶାର ବିଭିନ୍ନ ଗଡ଼ଜାତର ରାଜା ମହାରାଜାମାନେ ଶ୍ରୀ ଜଗନ୍ନାଥ ମନ୍ଦିର ନିର୍ମାଣ, ରଥଯାତ୍ରା ଓ ଅନ୍ୟାନ୍ୟ ବିଧବାଧନ ଆଦି ପାଳନ କରିଛନ୍ତି। ବାରିପଦାରେ ରାଜା ବୈଦ୍ୟନାଥ ଭଂଜ ୧୫୭୫ ଖ୍ରୀଷ୍ଟାବ୍ଦରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରିଛନ୍ତି। ପରେ ପରେ କେନ୍ଦୁଝର ଗଡ଼, ପାରଳାଖେମୁଣ୍ଡି, ଖଣ୍ଡପଡ଼ା, ଢେଙ୍କାନାଳ, ନୟାଗଡ଼, ବଡ଼ମ୍ବା, ତିଗିରିଆ, ନରସିଂହପୁର, ଆଠଗଡ଼, ଦଶପଲ୍ଲା, ଅନଗୁଳ, କୋରାପୁଟ ଆଦି ଓଡ଼ିଶାର ବିଭିନ୍ନ ସ୍ଥାନରେ ଜଗନ୍ନାଥମନ୍ଦିର ନିର୍ମିତ ହୋଇଛି। ଓଡ଼ିଶା ବାହାରେ ଓ ଭାରତ ବାହାରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମିତ ହୋଇଛି ଓ ରଥଯାତ୍ରାମାନ ହେଉଛି। ତେବେ ସେହିସବୁସ୍ଥାନଙ୍କୁ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଇପାରିବ ନାହିଁ, ଯାହା ରଣପୁର ପାଇଁ କୁହାଯାଉଛି। ୧୫୦୧ ଓ ୧୫୦୨ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିବା ରଣପୁର ଜଗନ୍ନାଥ ମନ୍ଦିର ସମୟ କ୍ରମେ ପୁରୀ ପରେ ଦ୍ୱିତୀୟ ଏବଂ ଏହା ରାଜା ଭକ୍ତ ଉଦ୍ଧବ ଯେଭଳି ପ୍ରଭୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ମହାଲକ୍ଷ୍ମୀଙ୍କ ପାଖରେ ଅଧିଆ ପଡ଼ି ତଥା ଦେବତାଙ୍କ ଆଦେଶରେ ମନ୍ଦିର ନିର୍ମାଣ କଲେ ତାହା ଅନିର୍ବଚନୀୟ।

ଶ୍ରୀଜଗନ୍ନାଥଙ୍କ ଆଦ୍ୟ ରୂପ ଶ୍ରୀ ନୀଳମାଧବଙ୍କ ପରମଭକ୍ତ ବିଶ୍ୱାବସୁଙ୍କ ଦାୟାଦମାନେ ଆଜି ପୁରୀରେ ଦଇତା ଭାବେ ମହାପ୍ରଭୁଙ୍କ ସେବା ପୂଜାର ସୁଯୋଗ ପାଇଥିବା ବେଳେ ବିଶ୍ୱାବସୁର ସାନ ଭାଇ ବିଶ୍ୱବାସବର ବଂଶଧର ରଣପୁର ରାଜବଂଶ ଦ୍ୱିତୀୟ ଶ୍ରୀକ୍ଷେତ୍ର ରଣପୁରରେ ସେଭଳି ସୁଯୋଗ ପାଇଛନ୍ତି। କପିଳ ସଂହିତାରେ ମଣିନାଗ ଉପାଖ୍ୟାନରେ ଦେବର୍ଷି ନାରଦ କହଛନ୍ତି- ବିଷ୍ଣୁଙ୍କର ଗୁପ୍ତସ୍ଥଳ ମଣିନାଗ ପର୍ବତ। ଏହା ନୀଳ ଶୈଳର ମିଶ୍ରିତ ରୂପ ଓ ଗୁପ୍ତ ପୁରୁଷୋତ୍ତମ ଅଟେ। ସୂଚନା ଯୋଗ୍ୟ ଯେ, ବିଷ୍ଣୁଙ୍କର ଏହି ଗୁପ୍ତସ୍ଥଳ ମଣିନାଗ ପର୍ବତ ତଳେ ରଣପୁରର ଶ୍ରୀ ଜଗନ୍ନାଥ ମନ୍ଦିର ଅବସ୍ଥିତ। ଦିବ୍ୟଦ୍ରଷ୍ଟା କପିଳ ମୁନି କପିଳ ସଂହିତାରେ ରଣପୁର କ୍ଷେତ୍ର ଉପରେ ବର୍ଣ୍ଣନା କରିଛନ୍ତି ଯେ, ପ୍ରଭୁ ଶ୍ରୀ ଜଗନ୍ନାଥ ରଣପୁର କ୍ଷେତ୍ରକୁ ଆଗମନ କରିବେ ଓ ପୁରୁଷୋତ୍ତମ କ୍ଷେତ୍ର ଭଳି ଗୁଣ୍ଡିଚ୍ଚା ଯାତ୍ରା ଓ ଦ୍ୱାଦଶ ଯାତ୍ରା ଆଦି ହେବ।

'କପିଳ ସହିଂତା'ର ଚତୁର୍ତ୍ରିଂଶ ଅଧ୍ୟାୟରେ ରଣପୁର ମଣିନାଗ କ୍ଷେତ୍ରର ମହିମା ବର୍ଣ୍ଣନା କରିବାକୁ ଯାଇ କୁହାଯାଇଛି, ମଣିନାଗ ପର୍ବତର ପାଦଦେଶରେ ମନ୍ଦାକିନୀ (ମଳାଗୁଣୀ) ନଦୀ ପ୍ରବାହିତ। ଏଠାରେ ମନ୍ଦାକିନୀ ନମସ୍ତୁଭ୍ୟ ମଂତ୍ର ଉଚ୍ଚାରଣ କରି ସ୍ନାନ କରିବା ବିଧେୟ। ମଣିନାଗ ପର୍ବତମାଳା ପଶ୍ଚିମ ଦିଗରେ ୧୪ କି.ମି. ବ୍ୟାପୀଥିବା ବେଳେ ଦକ୍ଷିଣ-ପଶ୍ଚିମଦିଗରେ ୭ କି.ମି. ବ୍ୟାପୀ ରହିଅଛି। ଏହି ପର୍ବତମାଳାରେ ଅନେକ ପାହାଡ଼, ଖୋଲ, ଗୁମ୍ଫା, ଘାଟି ରହିଛି। ଏହି ପର୍ବତମାଳାର ଶିଖର ଦେଶରେ ସମୁଦ୍ର ପତ୍ତନର ୧୮୯୩ ଫୁଟ୍ ଉଚ୍ଚରେ ମଣିନାଗ ଦୁର୍ଗାଙ୍କ ମନ୍ଦିର। କଂଟିଲୋ ଠାରେ ନୀଳମାଧବଙ୍କୁ ବିଶ୍ୱାବସୁ ଯେଉଁ ଚକାଶିଳା ଉପରେ ରଖି ପୂଜା କରୁଥିଲେ ସେହି ପଥରକୁ ବିଶ୍ୱାବସୁର ଭାଇ ବିଶ୍ୱବାସବ ମଣିନାଗ ଦୁର୍ଗାଙ୍କ ମନ୍ଦିରରେ ଢାଙ୍କୁଣୀ ଦ୍ୱାରା ଆବୃତ ରଖି ପୂଜା କରୁଥିଲେ ବୋଲି ବିଶ୍ୱାସ ରହିଛି। ପର୍ବତର ଅନ୍ୟ ଦୁଇଟି ଉଚ୍ଚତମ ଶୃଙ୍ଗ 'ଟଗମରା' ଓ 'ଜରଜରି' ସମୁଦ୍ର ପତ୍ତନ ଠାରୁ ଯଥାକ୍ରମେ ୨୦୪୯ ଫୁଟ୍ ଓ ୨୦୭୮ ଫୁଟ୍ ଉଚ୍ଚତାରେ ଅବସ୍ଥିତ। ଏହି ଦୀର୍ଘ ପର୍ବତମାଳାର ପାହାଡ଼ଗୁଡ଼ିକ ସ୍ଥାନ ଅନୁଯାୟୀ ଭିନ୍ନ ଭିନ୍ନ ନାମରେ ଜନମୁଖରେ କଥିତ ହୁଅନ୍ତି, ଯଥା- ଧାନଘର, ଜହ୍ନାଥଳି, କୁଣ୍ଡାଖାଇ, ମନବୋଧିଆ, ବାଇଢଙ୍କିଆ, ମାଳତିମୁଣ୍ଡିଆ, ଟୁବୁରି ମୁଣ୍ଡିଆ, ପାଣ୍ଡବ ପାହାଡ଼ ଆଦି। ଏହି ପର୍ବତମାଳାରେ ଅନେକ ଝର ଝରଣା ଆଦି ରହିଛି। ସେମାନଙ୍କ ମଧ୍ୟରେ ଅସୁରକୁମାରୀ ଜଳପ୍ରପାତକୁ ବାଦଦେଲେ ବାଘକୋରଡ଼ ଝର, ବଘେଇ ଝର, ଋକୁଣ୍ଡାଝର, ଟଭାଝର, ଅଶୋକଝର, ଆମ୍ବଝର, ଚଣ୍ଡିଝର ଆଦି ନାମରେ ଅନେକ ଝରଣା ରହିଛି। ମଣିନାଗ ପର୍ବତ ସମ୍ବନ୍ଧୀୟ ଅନେକ ପୌରାଣିକ ଆଖ୍ୟାନ ରହିଛି। ମଣିନାଗ ପର୍ବତ ତଳେ କିରାତ ଏକଲବ୍ୟ ଧର୍ନୁବିଦ୍ୟା ଶିକ୍ଷାଲାଭ କରୁଥିଲା ବୋଲି ଶାରଳା ଦାସଙ୍କ 'ମହାଭାରତ'ରେ ଉଲ୍ଲେଖ ଅଛି। ଏହି ପାହାଡ଼ର ପାଦଦେଶରେ ଏକ ଲାଖବିନ୍ଧା ପଥରଥାଇ ଏହା ଏକଲବ୍ୟର ଧର୍ନୁବିଦ୍ୟାର ଶିକ୍ଷାସ୍ଥଳୀ ରୂପେ କିମ୍ବଦନ୍ତୀ ବହନ କରୁଛି। ଶ୍ରୀ ଜଗନ୍ନାଥଙ୍କ ପରମଭକ୍ତ ମହାପୁରୁଷ ଅଚ୍ୟୁତାନନ୍ଦ, ମଣିନାଗ ପର୍ବତର ଅନତିଦୂରରେ ମଧ୍ୟଖଣ୍ଡ ଗ୍ରାମରେ ସାତବର୍ଷ ଅତିବାହିତ କରି 'ହରିବଂଶ ପୁରାଣ' ଲେଖିଥିଲେ। ଦ୍ୱିତୀୟ ଶ୍ରୀକ୍ଷେତ୍ର ରଣପୁରଗଡ଼ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସବୁ ତିଥିମାନଙ୍କରେ ବିଧିବିଧାନ ମତେ କରୁଥିଲେ। ଆଧ୍ୟାତ୍ମିକ କ୍ଷେତ୍ରରେ ଏହି ପର୍ବତର ମହିମା ବର୍ଣ୍ଣନା ହୋଇଥିବା ବେଳେ ଗୁମ୍ଫା, ଖୋଲ, ପ୍ରପାତ ଓ ଝରଣା ଆଦି ଥାଇ ଏହାର ପ୍ରାକୃତିକ ସୁଷମା ଦର୍ଶକମାନଙ୍କ ମନମୁଗ୍ଧ କରିଥାଏ।

ରଣପୁର ରାଜବଂଶର ଧର୍ମପ୍ରାଣ ରାଜା ପଦ୍ମନାଭ ନରେନ୍ଦ୍ର ପୁରୀରେ ନରେନ୍ଦ୍ର ପୁଷ୍କରିଣୀ ନିର୍ମାଣ କରିଥିଲେ ଏବଂ ଶ୍ରୀମନ୍ଦିରରେ କଳ୍ପବଟ ମୂଳ ପର୍ଯ୍ୟନ୍ତ ପାଲିଙ୍କିରେ ବସିଯିବାର ଅଧିକାର ପାଇଥିଲେ। ସୁତରାଂ ପୁରୀ ଶ୍ରୀକ୍ଷେତ୍ର ଓ ଦ୍ୱିତୀୟ ଶ୍ରୀକ୍ଷେତ୍ର ରଣପୁର ସହ ଆଧ୍ୟାତ୍ମିକ ଭାବଗତ ସଂପର୍କ ନିବିଡ଼ ହୋଇରହିଛି।

*ଫୋନ୍ : ୯୨୩୭୦୮୯୫୦୯*

**ସୂଚନା**

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ : ୬୩୭୧୪୧୭୩୬୧

**Email:**
voiceofvictim2019@gmail.com
voiceofvictimsnews@gmail.com
**Website :**
https://voiceofvictims.co.in
**E-Paper :**
voiceofvictimsepaper.in

# When the Earth Speaks, Will We Finally Listen?



Nihar Ranjan Acharya

The Earth is not silent.“She speaks every day—through melting glaciers, drying rivers, choking air, burning forests, and unpredictable seasons. Yet, amid the noise of development, profit, and power, her voice is ignored. What we are witnessing today is not merely an environmental crisis; it is a moral crisis of humanity.

For thousands of years, nature has been our greatest provider. She gave us air without asking a price, water without contracts, soil without conditions, and forests without invoices. Civilizations flourished because humans once lived with nature, not over her. Sadly, modern times have reversed this relationship. We now behave like owners, not caretakers—extracting, exploiting, and exhausting Earth's resources as if they were infinite.


Development or Disguised Destruction?

In the name of development, forests are cleared overnight, hills are blasted, wetlands are filled, and rivers are reduced to drains. Shiny infrastructure often hides an ugly truth—loss of biodiversity, displacement of communities, and irreversible ecological damage. The question we must ask is simple yet uncomfortable: Is development still progress if it destroys the very systems that sustain life?

True development should enhance human well-being without harming nature. Roads can be built, cities can grow, and industries can function—but not at the cost of poisoned air, contaminated water, and lifeless soil. When development forgets ecology, disasters become inevitable. Floods, cyclones, heatwaves, droughts, and pandemics are not random acts of fate; they are nature's responses to prolonged abuse.

Environment Is Not a Separate Subject—It Is Life

We often treat environmental protection as an “extra” concern—something to be discussed on World Environment Day and forgotten the next morning. This mindset is dangerous. The environment is not a topic; it is the foundation of our




existence. Without clean air, safe drinking water, fertile land, and a stable climate, no economy, no technology, and no nation can survive.

Polluted air affects our lungs, polluted water damages our organs, and polluted soil enters our food chain. Environmental degradation is directly linked to rising health issues, mental stress, and social inequality. The poorest suffer the most, despite contributing the least to environmental destruction.

The Silence of Nature Is the Loudest Warning

Once, mornings were filled with birdsong. Today, silence replaces that melody. Rivers that once sang now struggle to flow. Trees that sheltered life are reduced to stumps. This silence is not peace—it is a warning. When biodiversity collapses, ecosystems weaken, and when ecosystems weaken, humanity stands at risk.

Nature always maintains balance. When humans disturb it beyond limits, nature responds—not with anger, but with correction. Unfortunately, these corrections often come at a heavy cost to human life and livelihood.

**What Can One Individual Do?**

Many believe individual actions do not matter. This belief is the biggest lie of our time. Every movement begins with one step.

Planting a tree is an act of hope.

Saving water is an act of wisdom.

Reducing waste is an act of responsibility.

Raising one's voice for nature is an act of courage.

Environmental protection does not begin in international conferences; it begins in our daily choices—what we consume, how we travel, what we waste, and what we protect.

**A Promise We Must Keep**

The Earth has never demanded luxury. She only asks for respect, balance, and gratitude. We borrowed this planet from future generations, and it is our duty to return it in a livable condition.

If we listen carefully, the Earth is still giving us time—a chance to correct our path. The real question is not whether the planet can survive without us. It can. The question is whether we can survive without the planet.

The Earth is speaking.“Now, humanity must decide—“to listen, to act, and to protect.

**Ph. 8249775817**
**E-Mail:**
**nihar.acharya1973@gmail.com**










**ରଙ୍ଗୀନ୍ ମହାନ୍ତି**

ଓଡ଼ିଶାର ଲୋକ ମହୋତ୍ସବ ଓଡ଼ିଶାର କଳା, ସଂସ୍କୃତି , ଐତିହ୍ୟ, ପରମ୍ପରାର ପରିଚାୟକ । ଓଡ଼ିଆ ଜୀବନ ଶୈଳୀ ଏବଂ ପ୍ରଥା ସହିତ ଏସବୁ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଓଡ଼ିଶାର ଲୋକ ନୃତ୍ୟ, ସଙ୍ଗୀତ, ପର୍ବ ପର୍ବାଣୀ, ମେଳା, ମହୋତ୍ସବ, ଉତ୍ସବ, ଜନମାନସର ପରିବର୍ତ୍ତନ ସହ ତାଳ ଦେଇ ଏହାର ରୂପରେ ବହୁବିଧ ପରିବର୍ତ୍ତନ ଆଣିପାରିଛି । ମୁଖ୍ୟତଃ ଧର୍ମଚାର, ମନୋରଞ୍ଜନ, ଶ୍ରମ ଅପନୋଦନ, ସାମାଜିକ ସଂସ୍କାର ଆଦି ବହୁବିଧ ଉଦ୍ଦେଶ୍ୟକୁ ନେଇ ମହୋତ୍ସବର ସୃଷ୍ଟି । ଗ୍ରାମବହୁଳ ଓଡ଼ିଶାରେ ଦୈନନ୍ଦିନ ଜୀବନରେ ଟିକେ ଆନନ୍ଦ ଉପଭୋଗ କରିବାକୁ ଅନୁଷ୍ଠିତ କରାଯାଏ ଯାତ୍ରା ଓ ମହୋତ୍ସବମାନ । ଓଡ଼ିଶାର ପ୍ରତ୍ୟେକ ପର୍ବପର୍ବାଣି ସହ ବିଭିନ୍ନ ମହୋତ୍ସବ ମାନଙ୍କର ଆୟୋଜନ କରାଯାଇଥାଏ। ଖୋଲା ଆକାଶତଳେ ନୃତ୍ୟ ସଙ୍ଗୀତର ମୂର୍ଚ୍ଛନାରେ ଏଇ ଉତ୍ସବ ମାନଙ୍କୁ ଉପଭୋଗ କରାଯାଇଥାଏ। ପ୍ରତ୍ୟେକ ଲୋକନୃତ୍ୟରେ ଓଡ଼ିଶାର ପାରମ୍ପରିକ ସଂଗୀତ ଓ ବହୁଲୋକପ୍ରିୟ ଢଗଢମାଳି ଆଦିର ବ୍ୟବହାର ହୋଇଥାଏ । ଏହାସହିତ ପାରମ୍ପରିକ ବାଦ୍ୟର ବ୍ୟବହାର କରାଯାଇଥାଏ। ଏଥିପାଇଁ ଆମ ରଣପୁର ଅଞ୍ଚଳର ମହାନ୍ ଉତ୍ସବକୁ ସବୁଦିନ ପାଇଁ ମନେ ରଖିବା ପାଇଁ ଓଡ଼ିଶା ଗଡ଼ଜାତ ଆନ୍ଦୋଳନର ପ୍ରଥମ ସହିଦ୍ ରଣପୁର, ମୟୁରଝାଳିଆ ଗାଁ'ର ସାହାସୀ ଯୁବକ ଅର୍ଜୁନ ରାଉତଙ୍କ ତିରୋଧାନ ଦିବସରେ ରଣପୁର ବାସୀଙ୍କ ପାଇଁ ଅର୍ପଣ କରିଛୁ : 'ରଣପୁର ମହୋତ୍ସବ 'ଅର୍ଜୁନ' -୨୦୨୬'।

ଆଜକୁ ଠିକ୍ ୮୭ ବର୍ଷ ତଳର କଥା; ସେ ଦିନ ଥାଏ ୧୯୩୯ ମସିହା, ଜାନୁୟାରୀ ମାସ ୫ ତାରିଖ ପୌଷ ପୂର୍ଣ୍ଣିମା। ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନରେ ବେଜେଲଗେଟ୍ ଗୁଳିର ଶିକାର ହୋଇ ବିପ୍ଳବୀ ଅର୍ଜୁନ ରାଉତ ହୋଇଥିଲେ ସହିଦ୍ । ବିପ୍ଳବୀ ଅର୍ଜୁନଙ୍କ ରକ୍ତରେ ରକ୍ତ ରଞ୍ଜିତ ହୋଇଥିଲା ରଣପୁର ବଡ଼ଦାଣ୍ଡ ରାସ୍ତା । ଏହି ବିଭତ୍ସ ହତ୍ୟାକାଣ୍ଡ ଦେଖି ସମବେତ ବିପ୍ଳବୀମାନେ ବ୍ରିଟିଶ ପୋଲିସର ଗୁଳିକୁ ଖାତିରି ନକରି ବେଜେଲଗେଟ୍ ଠାରୁ ପିସ୍ତଲ ଛଡାଇନେଇ ତାକୁ ପିଟିପିଟି ମାରିଦେଲେ। ଏହାର ଇତିହାସ ବ୍ୟାପକ। ଶହୀଦ ରଘୁ ଦିବାକର ଫାଶୀ ପାଇଥିଲେ। ଓଡ଼ିଶାର ତତ୍କାଳୀନ ଗଡ଼ଜାତ ରାଜ୍ୟ ମାନଙ୍କରୁ ଖୋର୍ଦ୍ଧା ପାଖରେ ରଣପୁର ଏକ କ୍ଷୁଦ୍ର ଗଡ଼ଜାତ। ୧୯୩୯ ଜାନୁଆରି ମାସରେ ଏଠାରେ ପ୍ରଜାମଣ୍ଡଳ ଆନ୍ଦୋଳନ ହିଂସାତ୍ମକ ରୂପ ନେଲା। ରଣପୁର ପ୍ରଜାମଣ୍ଡଳର ସଭାପତି ଥିଲେ ବନମାଳୀ ରାମ, ଉପ ସଭାପତି କୃପାସିନ୍ଧୁ ମିଶ୍ର, ସଂପାଦକ ରଘୁନାଥ ମହାନ୍ତି ଓ ସଂଗଠନ ସଂପାଦକ ଦିବାକର ପରିଡ଼ା। ବ୍ରିଟିଶ ଛତ୍ରଛାୟାରେ ଶାସନ କରୁଥିବା ଅହଂକାରୀ ରାଜା ପ୍ରଜାମଣ୍ଡଳକୁ ବେଆଇନ୍? ଘୋଷଣା କରି ଅତ୍ୟାଚାରୀ ବ୍ରିଟିଶଙ୍କ ନିର୍ଦ୍ଦେଶରେ ନେତୃବର୍ଗଙ୍କୁ ଗିରଫ କଲେ । ଏହାର ପ୍ରତିବାଦ କରି ପ୍ରଜାମାନେ ରଣପୁର ରାଜାଙ୍କ ରାଜପ୍ରାସାଦ ଘେରାଉ କଲେ ଏବଂ ନେତାମାନଙ୍କର ମୁକ୍ତି ଦାବି କଲେ । ପରିସ୍ଥିତି ଅସମ୍ଭାଳ ହେବାରୁ ବ୍ରିଟିଶ ପଲିଟିକାଲ୍? ଏଜେଣ୍ଟ ମେଜର ବେଜଲଗେଟ୍?ଙ୍କ ସହଯୋଗ ଭିକ୍ଷା କଲେ ତତ୍କାଳୀନ ରଣପୁର ରାଜ୍ୟର ରାଜା। ନିକଟସ୍ଥ ଗଡ଼ଜାତ ରାଜ୍ୟ ନୟାଗଡ଼ରେ ଅବସ୍ଥାନ କରୁଥିବା ବେଜଲଗେଟ୍ ୧୯୩୯ ମସିହା ଜାନୁୟାରୀ ୫ ତାରିଖ ପୌଷ ପୂର୍ଣ୍ଣିମାରେ ରଣପୁର ଆସି ସେ ଆନ୍ଦୋଳନକାରୀଙ୍କୁ ଭୟଭୀତ କରିବାକୁ ନିଜ ବନ୍ଧୁକରୁ ଗୁଳି ଚାଳନା କଲେ। ଏଥିରେ ରଣପୁର ଗଡ଼ଜାତ ଅଞ୍ଚଳ ଅନ୍ତର୍ଗତ ନିପଟ ମଫସଲ ମୟୂରଝାଲିଆ ଗାଁ'ର ସାହାସୀ ଯୁବକ ଯିଏକି ପ୍ରଜା ଆନ୍ଦୋଳନର ଅନ୍ୟତମ ଯୋଦ୍ଧା ଅର୍ଜୁନ ରାଉତଙ୍କର ମୃତ୍ୟୁ ହେଲା। ଫଳ ସ୍ୱରୂପ ଏହା ପରେ ଉତ୍ତ୍ୟକ୍ତ ପ୍ରଜାମାନେ ତାତି ଉଠିଲେ। ପରିସ୍ଥିତି ଅଣାୟତ ହେଲା ଏବଂ ବ୍ରିଟିଶ-ରାଜର ଚରମ ସୀମାକୁ ସର୍ଯ୍ୟକରି କରି ନପାରି ବେଜଲଗେଟଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କଲେ ଉତ୍ୟକ୍ତ ରଣପୁରିଆ ଜନତା। ପରବର୍ତ୍ତୀ ସମୟରେ ପଲିଟିକାଲ୍? ଏଜେଣ୍ଟ ଭଳି ଜଣେ ଉଚ୍ଚ ପଦସ୍ଥ ଇଂରେଜ ଅଧିକାରୀଙ୍କ ହତ୍ୟା ପ୍ରଜାମଣ୍ଡଳ ଆନ୍ଦୋଳନକୁ ତତ୍?କାଳୀନ ରାଜନୀତିକ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ କଲା। କଂଗ୍ରେସ ନେତୃବର୍ଗ ବିଶେଷକରି ହରେକୃଷ୍ଣ ମହତାବଙ୍କ ପରାମର୍ଶରେ ରଣପୁର ପ୍ରଜା ରାଜ୍ୟ ଛାଡି ପଳାୟନ କଲେ। ପୋଲିସ ଅତ୍ୟାଚାରରୁ ମୁକ୍ତି ପାଇବାଲାଗି ଏହା ହିଁ ଉଚିତ ବିକଳ୍ପ ବୋଲି ମନେ କରାଯାଉଥିଲା। ହତ୍ୟାପାଇଁ ପ୍ରଜାମଣ୍ଡଳର ଦୁଇଜଣ ପ୍ରମୁଖ ନେତା ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଫାଶୀଦଣ୍ଡ ଏବଂ ଅନ୍ୟ ୨୭ ଜଣ କର୍ମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଗଲା। ଜାତୀୟ କଂଗ୍ରେସ ବେଜଲଗେଟ ହତ୍ୟାର ନିନ୍ଦା କରି ସରକାରଙ୍କ କ୍ରୋଧକୁ ପ୍ରଶମିତ କରିବାକୁ ପ୍ରୟାସ କଲା। ରଣପୁର ଆନ୍ଦୋଳନକୁ କ୍ରୁର ଭାବେ ଦମନ କରାଗଲା ସତ, ମାତ୍ର ଏହା ଗଡ଼ଜାତ ସମସ୍ୟାର ଜଟିଳତାକୁ ବୁଝିବାଲାଗି ସରକାରଙ୍କୁ ବାଧ କଲା। ଆଜି ସତାଅଶି ବର୍ଷ ପରେ ଅର୍ଜୁନ ରାଉତଙ୍କ ତ୍ୟାଗ ଓ ବଳିଦାନର ନିଦର୍ଶନ ସ୍ୱରୂପ "ରଣପୁର ମହୋତ୍ସବ ଅର୍ଜୁନ- ୨୦୨୬" ପାଳନର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି।

**ଅଧକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ରଣପୁର**
**ମୋ:୮୪୫୭୮୨୮୨୮୨**

## ଜିଲ୍ଲା ମେଡିକାଲ କଲେଜ ନିମନ୍ତେ ବୁଦ୍ଧିଜୀବୀଙ୍କ ମତାମତ



ମେଡ଼ିକାଲ କଲେଜର ଗୋଟେ ଜିଲ୍ଲା ପରିସୀମା, ମୌଜା ବାରେଣି କ'ଣ ଯେ ? ଯେତେବେଳ ପର୍ଯ୍ୟନ୍ତ ଓଡ଼ିଶାରେ ମାତ୍ର ତିନୋଟି ସରକାରୀ ମେଡ଼ିକାଲ କଲେଜ ଥିଲା, ତାହା କଣ ଜିଲ୍ଲା ହିସାବରେ ହୋଇଥିଲା ? ନା ବୁର୍ଲା ସମ୍ବଲପୁର ର କି ବ୍ରହ୍ମପୁର ଗଂଜାମର ମୁଖ୍ୟାଳୟ ଥିଲା ? ଏବେ ଯୋଉମାନେ ଜିଲ୍ଲା ମୁଖ୍ୟାଳୟରେ ହେବାକୁ ଯୁକ୍ତି କରୁଛନ୍ତି ତାହା କୋଉ ଆଧାରରେ ? ତେବେ ଖୋର୍ଦ୍ଧା ଜିଲ୍ଲାର ମେଡ଼ିକାଲ କଲେଜଟା କୋଉ ମୁଖ୍ୟାଳୟରେ? ଭିତ୍ତିଭୂମି ଥିଲେ ତ କରିବା ସହଜ ଓ ସୁବିଧା ହେବ ନା ! ଯଦି ନୟାଗଡ଼ ଜିଲ୍ଲା ପରିସୀମା ଭିତରେ ରହିଥିବାରୁ ଅଞ୍ଚଳ ବାସୀ ଏକ ବୃହତ ସୁଯୋଗରୁ ବଂଚିତ ହେଉଛନ୍ତି ତେବେ ଜିଲ୍ଲା ରୁ ଅଲଗା ହେବାର ଦାବୀ କରିବା ଅବଶ୍ୟ ଯଥାର୍ଥ ହେବ! ଏମିତିରେ ଆଗରୁ ଥାନା ବ୍ଲକ ନିର୍ବାଚନ ମଣ୍ଡଳୀ ଅଲଗା ହେବାର ଅନେକ ଦୃଷ୍ଟାନ୍ତ ରହିଛି। ତେବେ ଲୋକେ ସବୁ କରି, ଥାଇ,ଦେଇ ଯଦି ବଂଚିତ ହେଲେ, ବିଦ୍ରୋହ ସ୍ୱତଃ ଜନ୍ମିବ। ସୁତରାଂ ଗୋଟେ ବିଧାନସଭା ପ୍ରଶ୍ନରେ ଏତେ ଉଛନ୍ନ ଯେ ନୟାଗଡ଼ର କିଛି ବାବୁ ମାନେ, ଯାହାଙ୍କ ଘର ବି ମୁଖ୍ୟାଳୟ ଅଞ୍ଚଳରେ ନୁହେଁ ସେ ବା ସେମାନେ ସବୁ ସଂଯମତା ହରେଇ ଆଗତୁରା ବେଶୀ ବାନ୍ତି ଉଦ୍ଗାରି କରି ଚାଲିଲେଣି। ବିଚରା ଦୁଷ୍ମନ୍ତ ବାବୁ ଅଯଥାରେ ଆକ୍ରୋଶର ଶିକାର !! ଏଣେ ମୁଳୁରୁ ମାଇପ ନାହିଁ, ପୁଅର ନାମକରଣ କରି ସଂକୀର୍ଣ୍ଣତାରେ ବାଣ୍ଟୁଆରା ହେଲାଣି!!

**- ସିଦ୍ଧାର୍ଥ ପଣ୍ଡା, ଆଇନଜୀବୀ**



ନୟାଗଡ ଜିଲ୍ଲାର ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟ ଏକମାତ୍ର ଅଞ୍ଚଳ ଯେଉଁଠି ୧୧୭ ଏକର ଜାଗା ସହିତ ମେଡିକାଲ କଲେଜ ପାଇଁ ଭିତ୍ତିଭୂମି ଅଛି ଏବଂ ତାହା ଜାତୀୟ ରାଜପଥ ସହି ସଂଲଗ୍ନ। ଏହି ସ୍ଥାନଟି ନୟାଗଡ଼, ଖୋର୍ଦ୍ଧା ଓ ଗଞ୍ଜାମ ତିନି ଜିଲ୍ଲା ସହିତ ଯୋଡ଼ି ହୋଇ ରହିଛି। ରଣପୁରର ରାଜମାତା ତଥା ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ରାଣୀ ବସନ୍ତ ମଞ୍ଜରୀଙ୍କ ଦ୍ୱାରା ଏହା ପ୍ରତିଷ୍ଠା ହୋଇଥିଲା। ତେଣୁ ତାଙ୍କରି ସ୍ମୃତିରେ ଓ ଅଞ୍ଚଳବାସୀଙ୍କ ମଙ୍ଗଳ ନିମିତ୍ତ ଚାନ୍ଦପୁରରେ ଜିଲ୍ଲା ମେଡିକାଲ କଲେଜ୍ ହେବା ଉଚିତ୍।

**- ବନମାଳି ମହାପାତ୍ର, ଆଇନଜୀବୀ**







Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
**ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର**